ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.230 Bhubaneswar Sunday, October 31, 2021 | ୨୪ତମ ବର୍ଷ ସଂଖ୍ୟା-୨୩୦ ଭୁବନେଶ୍ୱର ରବିବାର, ଅକ୍ଟୋବର ୩୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ୨୦୨୨ରେ ପୁଣି ଥରେ ବିଜେପିକୁ ଆଶୀର୍ବାଦ କରିବେ ୟୁପିବାସୀ : ଧର୍ମେନ୍ଦ୍ର ପ୍ରଧାନ



ଉତରପ୍ରଦେଶ, ୩୦।୧୦(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ଜନହିତକାରୀ ଯୋଜନା ୟୁପିବାସୀଙ୍କ ଜୀବନରେ ଅନେକ ସକରାତ୍ମକ ପରିବର୍ତନ ଆଣିଥିବା ବେଳେ ୨୦୨୨ରେ ପୁଣି ଥରେ ୟୁପିବାସୀ ବିଜେପିକୁ ଆଶୀର୍ବାଦ କରିବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚାରିଦିନିଆ ୟୁପି ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶନିବାର ଉତରପ୍ରଦେଶର କାନପୁରରେ ଆୟୋଜିତ କାନପୁର–ବୁନ୍ଦେଲଖଣ୍ଡ କ୍ଷେତ୍ରର କାର୍ଯ୍ୟକର୍ତା ବୈଠକରେ ଯୋଗଦେଇ କାର୍ଯ୍ୟକର୍ତା ମାନଙ୍କୁ ଗୁରୁ ମନ୍ତ୍ର ଦେଇଛନ୍ତି। ଏହି ଅବସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ୟୁପିରେ ୨୦୨୨ ନିର୍ବାଚନ ପାଇଁ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରିବା ପାଇଁ ଦଳ ପକ୍ଷରୁ ବିଭିନ୍ନ ବୈଠକ ଅନୁଷ୍ଠିତ ହେଉଛି। ଦଳରେ ଅଢ଼େଇ କୋଟି ସକ୍ରିୟ ସଦସ୍ୟ ଥିବା ବେଳେ ଆହୁରି ଦେଢ କୋଟି ସଦସ୍ୟଙ୍କୁ ଯୋଡ଼ିବା ପାଇଁ ଗତକାଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲକ୍ଷ୍ନୌ ଠାରେ 'ମେରା ପରିବାର ବିଜେପି ପରିବାର' ସଦସ୍ୟତା ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହାବ୍ୟତିତ ଉତରପ୍ରଦେଶ ନିର୍ବାଚନ ପାଇଁ ନିର୍ବାଚନୀ ପ୍ରଚାର ଗାଡ଼ିର ମଧ ଶୁଭାରମ୍ଭ କରାଯାଇଛି। ୨୦୨୨ରେ ୟୁପି ନିର୍ବାଚନରେ ବିଜେପି ୩୦୦ରୁ ଅଧିକ ସିଟରେ ବିଜୟୀ ହେବା ସହ ଉତରପ୍ରଦେଶରେ ପୁଣି ଥରେ ଇତିହାସ ରଚିବ ବୋଲି ସେ କହିଛନ୍ତି ।ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ଯୋଗୀ ଆଦିତ୍ୟନାଥଙ୍କ ଶାସନରେ ଉତରପ୍ରଦେଶରେ ଆଜି ଗୁଣ୍ଡାରାଜ ସମାପ୍ତ ହୋଇଛି। ଏହାବ୍ୟତିତ କୋରନା ସମୟରେ ପ୍ରଧାନମନ୍ତ୍ରୀ ଜନକଲ୍ୟାଣକାରୀ ଯୋଜନାରୁ ଅନେକ ଲୋକ ସେବା ପାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତି ୟୁପିବାସୀଙ୍କ ଆସ୍ଥା ବଢ଼ିଛି। ମୋଦି ସରକାର ନିର୍ଣ୍ଣାୟକ, ଇମାନ୍ଦାର, ଦମଦାର ସରକାର ତଥା ସମସ୍ତଙ୍କ ସରକାର ଏବଂ ସମସ୍ତଙ୍କ ପ୍ରୟାସରେ ସରକାର। ଏଥର ନିଶ୍ଚିତ ଭାବରେ ଉତରପ୍ରଦେଶର ଲୋକମାନେ ବିଜେପି ଉପରେ ପୁଣି ଥରେ ଜନଆଶୀର୍ବାଦ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।ସୂଚନାଯୋଗ୍ୟ, ଆଜିର ବୈଠକରେ ୟୁପି ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା, ପ୍ରଦେଶ ମହାମନ୍ତ୍ରୀ ସଂଗଠନ ସୁନୀଲ ବଂଶଲଙ୍କ ସମେତ ମଣ୍ଡଳ ଓ ବୁଥ ଏବଂ ଜିଲ୍ଲା ସ୍ତରରୁ ଅନେକ କାର୍ଯ୍ୟକର୍ତା ଯୋଗଦେଇଥିଲେ।

## ୨ ନକଲି ଆଇଏଏସ୍ ଗିରଫ

ଭୁବନେଶ୍ୱର,୩୦।୧୦(ପି.ଏନ): କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗରେ କ୍ରାଇମବ୍ରାଂଚ ର ଇଓଡବ୍ଲୁ ଶୁକ୍ରବାର ୨ ନକଲି ଆଇଏଏସ୍ ଙ୍କୁ କଟକ ଓ ଭୁବନେଶ୍ୱରରୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ସୂର୍ଯ୍ୟମଣି ତ୍ରିପାଠୀ ଓ ଅମିତ କୁମାର ସ୍ୱାଇଁ। ଜଣେ ନିଜକୁ ଆଡିସନାଲ ସେକ୍ରେଟେରୀ କହି ଠକୁଥିବା ବେଳେ ଅନ୍ୟ ଜଣେ ନିଜକୁ ପିଡବ୍ଲ୍ୟୁଡି ଅଫିସର ପରିଚୟ ଦେଇ ଠକୁଥିଲା। ଏମାନଙ୍କ ବିରୋଧରେ ଠିକାଦାରୀ ଦେବା ନାଁରେ ୧ କୋଟି ୧୭ ଲକ୍ଷ ଠକିଥିବା ଅଭିଯୋଗ ଆସିଥିଲା। ଏମାନେ ମିଛ ୱ୍ୱାର୍କ ଅର୍ଡର ଦେଇ ଠିକାଦାରଙ୍କୁ ଠକେଇ କରିବା ସହ ଟଙ୍କା ହଡ଼ପ୍ କରୁଥିଲେ ।ଦିଲ୍ଲୀର ରିକବ ଚାନ୍ଦଙ୍କ ଅଭିଯୋଗ କ୍ରମେ କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା ଏହି ଦୁଇଜଣଙ୍କୁ ଗିରଫ କରିଛି। ଦିଲ୍ଲୀର ନେସନାଲ୍ ଷ୍ଟିଲର ମାଲିକ ରିକବ ତାଙ୍କୁ ସୂର୍ଯ୍ୟମଣି ତ୍ରିପାଠୀ ଓ ଅମିତ କୁମାର ଓ ଦିଲ୍ଲୀର ରାଜେଶ ଗେହେଲଟ ନିଜକୁ ଅଫିସରର ପରିଚୟ ଦେଇ ଅପରାଧିକ ଷଡଯନ୍ତ୍ର କରି ୧ କୋଟି ୧୭ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏଥିରେ ଜଣେ ମହିଳାଙ୍କର ବି ସମ୍ପୃକ୍ତି ରହିଛି।

## ସୈନିକ ସ୍କୁଲ୍ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ତାରିଖ ଘୁଂଚିଲା

ଭୁବନେଶ୍ୱର,୩୦।୧୦(ପି.ଏନ): ଅଲ୍ ଇଣ୍ଡିଆ ସୈନିକ ସ୍କୁଲ୍ ପ୍ରବେଶିକା ପରୀକ୍ଷା (ଏଆଇଏସଏସଇଇ) ୨୦୨୨ ପାଇଁ ଅନଲାଇନ୍ ଆବେଦନ ଫର୍ମ ଦାଖଲ କରିବାର ଶେଷ ତାରିଖ ୦୫ ନଭେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଦାଖଲ ହୋଇଥିବା ଆବେଦନ ଫର୍ମ ସଂଶୋଧନ ପାଇଁ ସଂଶୋଧନ ୱିଣ୍ଡୋ ୦୭ ନଭେମ୍ବର ୨୦୨୧ ରୁ ୧୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ଏନଟିଏ ୱେବସାଇଟରେ ଉପଲବ୍ଧ ହେବ । ସୈନିକ ସ୍କୁଲ୍ ଭୁବନେଶ୍ୱରର ପ୍ରିନ୍ସିପାଲ ଗ୍ରୁପ୍ କ୍ୟାପଟେନ୍ ଏସ୍ ଡୋମିନିକ୍ ରୟାନ୍ ଏହି ସୂଚନା ଦେଇଛନ୍ତି ।୨୬ ଅକ୍ଟୋବର ୨୦୨୧ ସୁଦ୍ଧା ସୈନିକ ସ୍କୁଲ ଭୁବନେଶ୍ୱରରେ ଆଡମିଶନ ପାଇଁ ପ୍ରାୟ ୧୬୦୦ ପ୍ରାର୍ଥୀ ଏଆଇଏସଏସଇଇ-୨୦୨୨ ପାଇଁ ପଞ୍ଜୀକୃତ ହୋଇସାରିଛନ୍ତି। ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ଛାତ୍ରମାନଙ୍କ ପାଇଁ ୮୦ ଟି ସ୍ଥାନ ଏବଂ ଛାତ୍ରୀମାନଙ୍କ ପାଇଁ ୧୦ ଟି ସ୍ଥାନ ଖାଲି ଅଛି ।୦୧ ଏପ୍ରିଲ ୨୦୧୦ ରୁ ୩୧ ମାର୍ଚ୍ଚ ୨୦୧୨ (ଉଭୟ ଦିନ ଅନ୍ତର୍ଭୁକ୍ତ) ମଧ୍ୟରେ ଜନ୍ମ ହୋଇଥିବା ଛାତ୍ର-ଛାତ୍ରୀମାନେ ପରୀକ୍ଷା ପାଇଁ ଆବେଦନ କରିବାକୁ ଯୋଗ୍ୟ ଅଟନ୍ତି। ଏନଟିଏ ଦ୍ୱାରା ଜାରି କରାଯାଇଥିବା ସର୍ବସାଧାରଣ ବିଜ୍ଞପ୍ତି ଅନୁଯାୟୀ ପରୀକ୍ଷା ତାରିଖରେ କୌଣସି ପରିବର୍ତନ କରାଯାଇ ନାହିଁ । କାର୍ଯ୍ୟସୂଚୀ ଅନୁଯାୟୀ ଏହା ୦୯ ଜାନୁଆରୀ ୨୦୨୨ ରେ ଅନୁଷ୍ଠିତ ହେବ।

## ଗୋଟିଏ ଦିନରେ ୩୭୪କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୭୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୦୯୬୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୮ ହଜାର ୨୦୭ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୩୮୦ ରହିଛି। ଆଜି ଚିହ୍ନଟ ହୋଇଥିବା ୩୭୪ ଜଣଙ୍କ ମଧ୍ୟରୁ ୨୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୮୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬, ବାଲେଶ୍ୱରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୪, ଭଦ୍ରକରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୭ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରେ ୨, ଗଂଜାମ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୧ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୧୮୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡାରୁ ୮ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ପୁରୀରୁ ୭ ଜଣ, ରାୟଗଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଭୁବନେଶ୍ୱରରୁ ୧୪୦ ପଜିଟିଭ୍

ଭୁବନେଶ୍ୱର,୩୦।୧୦(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଶନିବାର ଦିନ ଆଉ ୧୪୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୭ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୦୪ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୨୬୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## କିଟ୍ ଓ ରୋଟାରୀ ମିଳିତ ଉଦ୍ୟମରେ କନ୍ଧମାଳରେ ହେବ ଚକ୍ଷୁ ଚିକିତ୍ସାଳୟ




ଭୁବନେଶ୍ୱର,୩୦।୧୦(ପି.ଏନ): କିଟ୍ ଓ ରୋଟାରୀ ମିଳିତ ସହଯୋଗରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଏକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠା ହେବ ବୋଲି ରୋଟାରୀ ଇଣ୍ଟରନ୍ୟାସନାଲ୍‌ର ସଭାପତି ଶେଖର ମେହଟା ଶନିବାର ସୂଚନା ଦେଇଛନ୍ତି। କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ଶ୍ରୀ ମେହଟା ଆଜି ଏହି ଘୋଷଣା କରିଛନ୍ତି। କିଟ୍ ପରିସରରେ ଅନୁଷ୍ଠିତ ନଲେଜ ଟ୍ରି ବକ୍ତୃତାମାଳରେ ଉଦ୍‌ବୋଧନ ଦେବା ସହ ଶ୍ରୀ ଶ୍ରୀ ମେହଟା କହିଲେ କିଟ୍ ଓ ରୋଟାରୀର ଆଭିମୁଖ୍ୟ ସମାନ ହୋଇଥିବାରୁ ମିଳିତ ଭାବେ ଜନସେବା ଉଦ୍ଦେଶ୍ୟରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଏକ ଚକ୍ଷୁ ଚିକିତ୍ସାଳୟ ପ୍ରତିଷ୍ଠା ହେବ। ଏଥିପାଇଁ ପ୍ରାରମ୍ଭିକ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆସନ୍ତା ଏକବର୍ଷ ମଧ୍ୟରେ ଏହା ଜନସାଧାରଣଙ୍କ ଲାଗି ଉତ୍ସର୍ଗ କରାଯିବ। ଲୋକମାନେ ବିନାଦେୟରେ ଏଠାରେ ଚକ୍ଷୁ ଚିକିତ୍ସା କରାଇପାରିବେ। ଏହି ଅବସରରେ ଶ୍ରୀ ମେହଟାଙ୍କୁ ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଉଥିବା ଶ୍ରୀ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆର୍ଟ ଅଫ୍ ଗିଭିଂ'ର ଗ୍ଲୋବାଲ୍ ଗୁଡ୍ ଉଇଲ୍ ଆମ୍ବାସାଡାର ଘୋଷଣା କରାଯାଇଥିଲା। ଗ୍ଲୋବାଲ୍ ଗୁଡ୍ ଉଇଲ୍ ଆମ୍ବାସାଡାର ଭାବେ ଆର୍ଟ ଅଫ୍ ଗିଭିଂର ବାର୍ତ୍ତା ଦୟା ଓ ଆନନ୍ଦର ଜୀବନ ଦର୍ଶନକୁ ସେ ସମଗ୍ର ବିଶ୍ୱରେ ପହଞ୍ଚାଇବେ। ଏହି ଅବସରରେ ରୋଟାରୀ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ମଧ ରୋଟାରିଆନ୍ ଭାବେ ପିନ୍ କରାଯାଇଥିଲା। ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ ରୋଟାରୀ କାର୍ଯ୍ୟକଳାପର ଭୂୟସୀ ପ୍ରଶଂସା କରିବା ସହ ଶ୍ରୀ ମେହଟାଙ୍କ ସହ ଦୀର୍ଘ ଦିନର ବନ୍ଧୁତା ଏବଂ ସେ କିଟ୍ ଓ କିସ୍‌ର ଜଣେ ଶୁଭେଚ୍ଛୁ ବୋଲି କହିଥିଲେ। ଆଜି କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ବରିଷ୍ଠ ପଦାଧିକାରୀ ଓ ୧୫ଜଣ ଲାୟନ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ ଉପସ୍ଥିତିରେ ଶ୍ରୀ ମେହଟାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ମହାନ୍ତି, ଉପକୁଳପତି ପ୍ରଫେସର ସସ୍ମିତା ସାମନ୍ତ, ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଶାନ୍ତନୁ ପାଣି, ଆରବିଏଲ୍ ବ୍ୟାଙ୍କର ମୁଖ୍ୟ ମାନବସମ୍ବଳ ଅଧିକାରୀ ଶାନ୍ତା ଭାଲୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନଭେମ୍ବର ୧ ତାରିଖରୁ ଭୋଟର ତାଲିକା ସଂଶୋଧନ

ଭୁବନେଶ୍ୱର,୩୦।୧୦(ପି.ଏନ): ଆସନ୍ତା ନଭେମ୍ବର ୧ ତାରିଖରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ। ଜାନୁଆରୀ ୫ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଚଳିତ ଥର ଅନ ଲାଇନ ମାଧ୍ୟମରେ ସଂଶୋଧନ କରିହେବ। ଏଥିପାଇଁ ସ୍ୱତନ୍ତ୍ର ଆପର ବ୍ୟବସ୍ଥା କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ଶନିବାର ଦିନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୨ ଜାନୁଆରୀ ସୁଦ୍ଧା ୧୮ ବର୍ଷ ହେଉଥିବା ବ୍ୟକ୍ତିମାନେ ଏଥିରେ ସାମିଲ ହୋଇ ପାରିବେ। ଯେଉଁମାନେ ଯୋଗ୍ୟ ଭୋଟର ହୋଇଥିବେ, ସେମାନଙ୍କର ଭୋଟର ଲିଷ୍ଟରେ ନାଁ ନଥିବ କିମ୍ବା ଯେଉଁମାନେ ଭୋଟର ଲିଷ୍ଟରୁ ନାଁ କାଟିବାକୁ ଚାହୁଁଥିବେ କିମ୍ବା ତ୍ରୁଟି ସଂଶୋଧନ କରି ପାରିବେ। ଏହି ବ୍ୟବସ୍ଥା ଚଳିତ ଥର ଅନଲାଇନ ବ୍ୟବସ୍ଥା ମାଧ୍ୟମରେ କରାଯିବ। ପୂର୍ବରୁ ଏହା ଅଫ ଲାଇନରେ କରାଯାଉଥିଲା ।ଏକ ସ୍ୱତନ୍ତ୍ର ଆପ ମାଧ୍ୟମରେ ଏହି ସଂଶୋଧନ ପ୍ରକ୍ରିୟା ଲୋକମାନେ କରି ପାରିବେ। ଏଥିପାଇଁ ନିର୍ଦ୍ଦିଷ୍ଟ କିଛି ପ୍ରମାଣପତ୍ର ଲୋକମାନଙ୍କୁ ଦେବାକୁ ହେବ। ଏହାପରେ ସରକାରୀ ଅଧିକାରୀମାନେ ଘରକୁ ଯାଇ ଆପଣଙ୍କୁ କାର୍ଡ ଯୋଗାଇ ଦେବେ କିମ୍ବା ସ୍ପିଡ ପୋଷ୍ଟ ମାଧ୍ୟମରେ ଘରକୁ ପଠାଯିବ। ନଭେମ୍ବର ୭ ଓ ୨୧ ତାରିଖ ଅର୍ଥାତ ଏହି ମାସର ପ୍ରଥମ ଓ ତୃତୀୟ ରବିବାର ଦିନ ସରକାରୀ ଅଧିକାରୀମାନେ ବୁଥରେ ରହିବେ। ଲୋକମାନେ ସେଠାକୁ ଯାଇ ଭୋଟର ତାଲିକା ସଂଶୋଧନ କରିପାରିବେ ।ଉପାନ୍ତ ଅଂଚଳରେ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏକ ମାସ ମଧ୍ୟରେ ଲୋକମାନେ ସଂଶୋଧନ ପାଇଁ ଆବେଦନ କରି ପାରିବେ। ଏହାର ତର୍ଜମା ପାଇଁ ୨୦ ଦିନ ସମୟ ଲାଗିବ। ଜାନୁଆରୀ ୫ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଦୁଇଟି ଭୋଟର ଆଇଡି ଥିବା ଏକ ଲକ୍ଷ ଲୋକଙ୍କୁ ଆମେ ଅଟୋ ମେକାନିଜମ ଦ୍ୱାରା ବାଦ ଦେଇ ସାରିଛୁ। ଆହୁରି ୪ ଲକ୍ଷ ଆବେଦନ ମଧ ରହିଥିବା କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ।ନାଗରିକମାନେ ଭୋଟର ତାଲିକାରେ ସେମାନଙ୍କର ନାମ ଯୋଗ ବା ବାଦ ଦେବା କିମ୍ବା ତ୍ରୁଟି ସଂଶୋଧନ ନିମନ୍ତେ ଦାବି ଓ ଆପତି ସଂପୃକ୍ତ ଭୋଟ ପଂଜୀକରଣ ଅଧିକାରୀଙ୍କୁ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ଜଣାଇପାରିବେ । ଏତଦ୍‌ବ୍ୟତୀତ ନାଗରିକମାନେ ମଧ ବୁଥ୍‌ସ୍ତରରେ ନିଯୁକ୍ତ ହୋଇଥିବା ବୁଥ୍‌ସ୍ତରୀୟ ଅଧିକାରୀ ଙ୍କୁ ମଧ ନିର୍ଦ୍ଧାରିତ ଫର୍ମ ପୂରଣ କରି ଦାବି ଓ ଆପତି ସଂପର୍କରେ ନଭେମ୍ବର ୧ ତାରିଖଠାରୁ ନଭେମ୍ବର ୩୦ ତାରିଖ ମଧ୍ୟରେ ଜଣାଇପାରିବେ । ଏହାଛଡ଼ା ଭାରତ ନିର୍ବାଚନ ଆୟୋଗ ଅନ୍‌ଲାଇନ୍ ମାଧ୍ୟମରେ ଏକ ନାଗରିକ ଅନୁକୂଳ ଆପ୍ ଭୋଟର ହେଲପ୍‌ଲାଇନ୍ ଠକ୍ସ୍ୱରକ୍ସ ଐରକ୍ଷକ୍ସ ଖସଭର ଇକ୍ସକ୍ସ , ଭଙ୍ଖସ୍ୱକ୍ସ.ସଭ ଇକ୍ସକ୍ସ କରିଛନ୍ତି । ଏହି ଆପ୍ ଆନ୍‌ଡ୍ରଏଡ୍ ଫୋନ୍‌ର ପ୍ଲେଷ୍ଟୋରରୁ ଓ ଆଇଓଏସ୍/ଆପଲ୍ ଆଇ ଫୋନ୍‌ର ଆପ୍ ଷ୍ଟୋରରୁ ଡାଉନ୍‌ଲୋଡ଼୍ କରିପାରିବେ । ଭୋଟର ତାଲିକାରେ ନୂତନ ଭାବେ ନାମ ପଂଜୀକରଣ ନିମନ୍ତେ ଫର୍ମ ନଂ-୬, ଭୋଟର ତାଲିକାରୁ ନାମ ବାଦ ଦେବା ନିମନ୍ତେ ଫର୍ମ ନଂ-୭ ଓ ଭୋଟର ତାଲିକାରେ ନାମ, ଠିକଣା ଓ ବୟସ ଇତ୍ୟାଦିରେ ତ୍ରୁଟି ଥିଲେ ଫର୍ମ ନଂ-୮ରେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଗୋଟିଏ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନ୍ୟ ଏକ ସ୍ଥାନ ପରିବର୍ତନ କରିବାକୁ ହେଲେ ଫର୍ମ ନଂ-୮(କ)ରେ ଆବେଦନ କରିବାକୁ ହେବ । ନିର୍ଦ୍ଧାରିତ ଆପ୍ ଡାଉନ୍‌ଲୋଡ୍ କରିସାରିବା ପରେ ଫର୍ମ ପୂରଣ କରିବାକୁ ହେବ ଓ ସଠିକ୍ ବାସସ୍ଥାନ ଠିକଣା ନିମନ୍ତେ ବିଦ୍ୟୁତ ବିଲ୍/ଟେଲିଫୋନ୍ ବିଲ୍/ଜମିଜମା ଦସ୍ତାବିଜ୍‌ର ସ୍କାନ୍ କପି ଅପ୍‌ଲୋଡ୍ କରିବାକୁ ହେବ ।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**









## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଲ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# କାର୍ତ୍ତିକ ମାସର ଦ୍ୱିତୀୟ ଶନିବାର ନବଗ୍ରହପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



କୋଣାର୍କ (ପିଏନ୍): ନଭେମ୍ବର ମାସ ୩୦ତାରିଖ ଥିଲା ପବିତ୍ର କାର୍ତ୍ତିକ ମାସର ଦ୍ୱିତୀୟ ଶନିବାର । ଏଥିପାଇଁ ବିଶ୍ୱ ଐତିହ୍ୟ କେଣାର୍କ ସୂର୍ଯ୍ୟମନ୍ଦିର ବେଢ଼ା ନିକଟରେ ଥିବା ନବଗ୍ରହ ମନ୍ଦିର ପରିସରରେ ଦିନତମାମ ଲକ୍ଷାଧିକ ଶ୍ରଦ୍ଧାଳୁ ନବଗ୍ରହଙ୍କୁ ଦର୍ଶନ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମାନସିକଧାରି ଶ୍ରଦ୍ଧାଳୁମାନେ ଗ୍ରହ ପିଢ଼ାରୁ ମୁକ୍ତି ପାଇଁ ପ୍ରତ୍ୟୁଶରୁ ପରମ୍ପରାନୁଯାୟୀ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ ଓ ମହୋଦଧୀର ସଙ୍ଗମସ୍ଥଳିରେ ସ୍ନାନସୌଚ ହୋଇ ସଂକଳ୍ପ କରିବା ସହିତ ସୂର୍ଯ୍ୟୋଦୟ ଦର୍ଶନ କରିଥିଲେ । ପରେ ପରେ କୋଣାର୍କ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରି ସୂର୍ଯ୍ୟମନ୍ଦିର ପରିକ୍ରମା କରିବା ସହିତ ନବଗ୍ରହଙ୍କୁ ପୂଜାର୍ଚ୍ଚନା ଓ ଗ୍ରହଶାନ୍ତି ନିମନ୍ତେ ହୋମଯଜ୍ଞ କରିଥିଲେ । ବିଶେଷ କରି ଧର୍ମୀୟ ମାସ ବା ପବିତ୍ର କାର୍ତ୍ତିକ ମାସର ଶନିବାର ମାନଙ୍କରେ ନବଗ୍ରହଙ୍କୁ ଦର୍ଶନ କଲେ ଗ୍ରହ ପିଢ଼ାରୁ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କର ବିଶ୍ୱାସ ରହିଛି । ଗ୍ରହପିଡ ଓ ରୋଗରୁ ମୁକ୍ତିପାଇଁ ଶ୍ରଦ୍ଧାଳୁମାନେ ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ପିଲାମାନଙ୍କୁ ନବଗ୍ରହଙ୍କ ପୀଠର ପଶ୍ଚିମ ଦ୍ୱାର ସମ୍ମୁଖରେ ବାଲିରେ ଗାତଖୋଳି ପୋତି ନବଗ୍ରହଙ୍କୁ ପ୍ରାର୍ଥନା କରିବା ସହ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରୁଥିବା ଦେଖିବାକୁ ମିଳିଥିଲା । ନବଗ୍ରହଙ୍କ ପୀଠ ପରିସରରେ ୯ଟି ଶନିବାର ମାନସିକବିକାରଗ୍ରସ୍ତ, ଶାରୀରିକ ଅକ୍ଷମ ଓ ଦୁରାରୋଗ୍ୟରେ ପିଢ଼ିତଥିବା ପିଲାମାନଙ୍କୁ ଯଦି ଗାତ ଖୋଳି ପୋତାଯାଏ ତେବେ ସେମାନଙ୍କର ଏହି ଦୂରାରୋଗ୍ୟ ରୋଗରୁ ନିଶ୍ଚିତ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି । ନବଗ୍ରହଙ୍କୁ ଦର୍ଶନ କରିବା ନିମନ୍ତେ ସଂକୁଚିତ ଗର୍ଭଗୃହ ଭିତରକୁ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଏକକାଳୀନ ପ୍ରବେଶ ସମସ୍ୟା ସୃଷ୍ଟି କରିଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ନବଗ୍ରହଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ମନ୍ଦିର ସମ୍ମୁଖରେ ବିଭିନ୍ନ ଘରକରଣା ସାମଗ୍ରୀର ଦୋକାନମାନ ଖୋଲିଥିଲା । ଗାଁଗହଳିରୁ ଆସିଥିବା ଶ୍ରଦ୍ଧାଳୁ ମହିଳା ଭକ୍ତମାନେ ନବର୍ଗହଙ୍କ ଦର୍ଶନପରେ ବିଭିନ୍ନ ସାମଗ୍ରୀମାନ କିଣୁଥିବା ଦେଖିବାକୁ ମିଳିଥିଲା । ନବଗ୍ରହପୀଠରେ ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ପାଇଁ କୋଣାର୍କ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା ।



# ଏକେ ବିଦ୍ୟାପୀଠରେ ୨୪ତମ ପ୍ରତିଷ୍ଠା ଦିବସ



କୋଣାର୍କ (ପିଏନ୍): କୋଣାର୍କ ନିକଟ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ୨୪ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଂଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତଚନ୍ଦ୍ର ପ୍ରଧାନ, ଭରାତୀୟ ଷ୍ଟେଟ୍ ବ୍ୟାଙ୍କ, କୋଣାର୍କ ଶାଖାର ପ୍ରବନ୍ଧକ ରାଜ୍ କୁମାର ମହାନ୍ତି, ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ବିଦ୍ୟାପୀଠର ସଂପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଅଗ୍ନିଶମ ବିଭାଗର ପ୍ରଶିକ୍ଷକ ବିଚିତ୍ର କୁମାର ଚୌଧୁରୀ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ ଅତିଥିରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ ବିଦ୍ୟାଳୟର ସଫଳତା କାମନା କରିଥିଲେ । ଏହି ଅବସରରେ ବିଭିନ୍ନ ଶୈକ୍ଷିକ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ବିଦ୍ୟାର୍ଥୀ ଅଂକିତା ସେଠୀ, ଅନିଲ କୁମାର ବେହେରଦଳାଇ, ଗୋବିନ୍ଦ ରଇତ, ରାମଚନ୍ଦ୍ର ମାଝି, ଶିବାନୀ ପାତ୍ର ଓ ସାଇରଂଜନ ଦଳାଇଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଯୋଗାଚାର୍ଯ୍ୟ ବାମଦେବ ଆଲୁକ, କିରାଣୀ କୃଷ୍ଣଚନ୍ଦ୍ର ଲେଙ୍କା, ସେବାବ୍ରତୀ ସହଯେଗୀ ବାବୁଲା କାଣ୍ଡି, ଅଭୟ ଲେଙ୍କା, କାହ୍ନୁଚରଣ ବିଶ୍ୱାଳ ଓ ଜ୍ୟୋତିର୍ମୟ ଲେଙ୍କାଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷକ ରାମକୃଷ୍ଣ ମହାନ୍ତି ଉତ୍ସବକୁ ସଂଯୋଜନା କରିଥିଲେ । ସହାକାରୀ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ସହକାରୀ ଶିକ୍ଷକ ମାନସ କୁମାର ମୁଦୁଲି, ଦିଲ୍ଲୀପ କୁମାର ସାହୁ, ପଣ୍ଡିତ ରବୀନ୍ଦ୍ର କୁମାର ଦ୍ୱିବେଦୀ, ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳି ନାୟକ, ନିହାରୀକା ମହାନ୍ତି ଓ କେ ବାସନ୍ତୀ ପ୍ରମୁଖ ସହଯୋଗ କରିଥିଲେ ।

# ପଞ୍ଚାୟତ ନିର୍ବାଚନ ପାଇଁ ଚୁଡାନ୍ତ ସଂରକ୍ଷଣ ଚିଠା ବିଜ୍ଞପ୍ତି ପ୍ରକାଶ

କେନ୍ଦ୍ରାପଡା (ପିଏନ୍): ଆଗାମୀ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ନିମନ୍ତେ ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ସରପଞ୍ଚ ଓ ସମିତିସଭ୍ୟ ପଦ ପାଇଁ ଚୁଡାନ୍ତ ସଂରକ୍ଷଣ ଚିଠା ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି । ସେହି ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ୩୨ଟି ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ଚୁଡାନ୍ତ ସଂରକ୍ଷିତ ହୋଇଥିବା ଚିଠା ତାଲିକା ହେଉଛି ଆଳି ବ୍ଲକର ୧ ନଂ ଜୋନ - ଅନୁସୂଚିତ ଜାତି ମହିଳା, ୨ ନଂ.- ଅଣସଂରକ୍ଷିତ, ୩ନଂ- ମହିଳା, ୪ନଂ- ଅଣସଂରକ୍ଷିତ । କେନ୍ଦ୍ରାପଡ଼ା ବ୍ଲକର ୫ ନଂ. ଜୋନ -ଅନୁସୂଚିତ ଜାତି ମହିଳା, ୬ ନଂ.- ମହିଳା, ୭ ନଂ- ଅନୁସୂଚିତ ଜାତି ମହିଳା, ୮ ନଂ- ଅଣସଂରକ୍ଷିତ । ଗରଦପୁର ବ୍ଲକ ୯ ନଂ ଜୋନ - ମହିଳା, ୧୦ ନମ୍ବର- ଅଣସଂରକ୍ଷିତ, ୧୧ ନଂ- ମହିଳା । ଡେରାବିଶ ବ୍ଲକ ୧୨ ନଂ- ଅଣସଂରକ୍ଷିତ, ୧୩ ନଂ- ଅନୁସୂଚିତ ଜାତି, ୧୪ ନଂ.- ଅଣସଂରକ୍ଷିତ । ପଟ୍ଟାମୁଣ୍ଡାଇ ୧୫ ନଂ. ଜୋନ- ଅନୁସୂଚିତ ଜାତି ମହିଳା, ୧୬ ନଂ- ଅନୁସୂଚିତ ଜାତି, ୧୭ ନଂ- ପଛୁଆବର୍ଗ ମହିଳା, ୧୮ ନଂ- ଅନୁସୂଚିତ ଜାତି । ମହାକାଳପଡ଼ା ୧୯ ନଂ. ଜୋନ - ପଛୁଆବର୍ଗ ମହିଳା, ୨୦ ନଂ.- ପଛୁଆବର୍ଗ, ୨୧ ନଂ- ପଛୁଆବର୍ଗ ମହିଳା, ୨୨ ନଂ - ପଛୁଆବର୍ଗ, ୨୩ ନଂ - ଅନୁସୂଚିତ ଜନଜାତି ମହିଳା । ମାର୍ଶାଘାଇ ବ୍ଲକ ୨୪ ନଂ- ପଛୁଆବର୍ଗ, ୨୫ ନଂ- ପଛୁଆବର୍ଗ ମହିଳା, ୨୬ ନଂ- ମହିଳା । ରାଜକନିକା ବ୍ଲକ ୨୭ ନଂ- ପଛୁଆବର୍ଗ, ୨୮ ନଂ- ଅଣସଂରକ୍ଷିତ, ୨୯ ନଂ- ମହିଳା । ରାଜନଗର ବ୍ଲକ ୩୦ ନଂ- ଅଣସଂରକ୍ଷିତ, ୩୧ ନଂ- ଅଣସଂରକ୍ଷିତ ଓ ୩୨ ନଂ ଜୋନ- ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ଜିଲ୍ଲାର ୯ଟି ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଚୁଡାନ୍ତ ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆଳି ବ୍ଲକ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି, କେନ୍ଦ୍ରାପଡ଼ା ଅନୁସୂଚିତ ଜାତି ମହିଳା, ଗରଦପୁର ପଛୁଆବର୍ଗ, ଡେରାବିଶ ପଛୁଆବର୍ଗ ମହିଳା, ପଟ୍ଟାମୁଣ୍ଡାଇ ଅଣସଂରକ୍ଷିତ ମହିଳା, ମହାକାଳପଡ଼ା ଅଣସଂରକ୍ଷିତ ମହିଳା, ମାର୍ଶାଘାଇ ଅଣସଂରକ୍ଷିତ, ରାଜକନିକା ଅଣସଂରକ୍ଷିତ ଓ ରାଜନଗର ବ୍ଲକ ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । କେନ୍ଦ୍ରାପଡା ବ୍ଲକର ୨୭ଟି ପଞ୍ଚାୟତର ସରପଞ୍ଚ ପଦ ପାଇଁ ରହିଥିବା ଚୁଡାନ୍ତ ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆୟବା- ସରପଞ୍ଚ ପଦ ଅଣସଂରକ୍ଷିତ ମହିଳା, ଇନ୍ଦୁପୁର- ପଛୁଆବର୍ଗ , ଓସ୍ତପୁର- ଅଣସଂରକ୍ଷିତ, କପାଳେଶ୍ୱର- ଅଣସଂରକ୍ଷିତ, କଳପଡା- ପଛୁଆବର୍ଗ ମହିଳା, କୁତରଙ୍ଗ- ପଛୁଆବର୍ଗ , କେଶପୁର-ଅଣସଂରକ୍ଷିତ ମହିଳା, କୋରୋ-ପଛୁଆବର୍ଗ ମହିଳା,କଂସାର- ଅଣସଂରକ୍ଷିତ ମହିଳା, ଗାଙ୍ଗପଡା- ପଛୁଆବର୍ଗ, ଗୁଲନଗର- ପଛୁଆବର୍ଗ ମହିଳା, ଘାଗରା-ଅଣସଂରକ୍ଷିତ ମହିଳା, ଚକ୍ରୋଡା-ଅଣସଂରକ୍ଷିତ ମହିଳା, ଚନ୍ଦନପୁର- ଅନୁସୂଚିତ ଜାତି, ଝରିଗାଁ -ଅଣସଂରକ୍ଷିତ ମହିଳା, ଜମଧର- ଅଣସଂରକ୍ଷିତ, ଢୋଲ-ଅଣସଂରକ୍ଷିତ, ଧୂମାତ-ଅନୁସୂଚିତ ଜାତି ମହିଳା, ନିକିରାଇ- ଅନୁସୂଚିତ ଜାତି ମହିଳା, ପଳସିଂହା- ଅଣସଂରକ୍ଷିତ, ପୁରୁଷୋତ୍ତମପୁର-ଅନୁସୂଚିତ ଜାତି ମହିଳା, ବଗଡା-ଅଣସଂରକ୍ଷିତ, ବାରୋ- ଅନୁସୂଚିତ ଜାତି ମହିଳା, ଭରତପୁର-ଅଣସଂରକ୍ଷିତ ମହିଳା, ଭାଗବତପୁର-ଅଣସଂରକ୍ଷିତ, ଶ୍ୟାମସୁନ୍ଦରପୁର- ଅନୁସୂଚିତ ଜାତି, ସାନମାଣତିଆ-ଅନୁସୂଚିତ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି କେନ୍ଦ୍ରାପଡ଼ା ବ୍ଲକର ୨୭ଟି ପଞ୍ଚାୟତର ସମିତି ସଭ୍ୟ ପଦ ପାଇଁ ହୋଇଥିବା ଚୁଡାନ୍ତ ସଂରକ୍ଷଣ ବ୍ୟବସ୍ଥା ଅନୁଯାଇ ଆୟବା ଗ୍ରାମପଞ୍ଚାୟତ ସମିତିସଭ୍ୟ ପଦ ଅଣସଂରକ୍ଷିତ ମହିଳା, ଇନ୍ଦୁପୁର-ଅଣସଂରକ୍ଷିତ ମହିଳା, ଓସ୍ତପୁର-ଅଣସଂରକ୍ଷିତ ମହିଳା, କପାଳେଶ୍ୱର- ଅଣସଂରକ୍ଷିତ, କଳପଡା- ଅଣସଂରକ୍ଷିତ, କୁତରଙ୍ଗ- ପଛୁଆବର୍ଗ ମହିଳା, କେଶପୁର- ଅଣସଂରକ୍ଷିତ, କୋରୋ-ପଛୁଆବର୍ଗ ମହିଳା, କଂସାର- ଅଣସଂରକ୍ଷିତ, ଗାଙ୍ଗପଡା- ଅଣସଂରକ୍ଷିତ, ଗୁଲନଗର- ଅଣସଂରକ୍ଷିତ ମହିଳା, ଘାଗରା-ପଛୁଆବର୍ଗ, ଚକ୍ରୋଡା-ଅନୁସୂଚିତ ଜନଜାତି ମହିଳା, ଚନ୍ଦନପୁର- ଅନୁସୂଚିତ ଜାତି ମହିଳା, ଝରିଗାଁ- ପଛୁଆବର୍ଗ ମହିଳା, ଜମଧର-ଅଣସଂରକ୍ଷିତ, ଢୋଲ-ପଛୁଆବର୍ଗ, ଧୂମାତ-ଅନୁସୂଚିତ ଜାତି ମହିଳା, ନିକିରାଇ-ଅନୁସୂଚିତ ଜାତି ମହିଳା, ପଳସିଂହା-ଅଣସଂରକ୍ଷିତ ମହିଳା, ପୁରୁଷୋତ୍ତମପୁର- ଅନୁସୂଚିତ ଜାତି, ବଗଡା- ଅଣସଂରକ୍ଷିତ, ବାରୋ-ଅନୁସୂଚିତ ଜାତି, ଭରତପୁର-ଅଣସଂରକ୍ଷିତ ମହିଳା, ଭାଗବତପୁର-ଅଣସଂରକ୍ଷିତ, ଶ୍ୟାମସୁନ୍ଦରପୁର-ଅନୁସୂଚିତ ଜାତି ମହିଳା, ସାନମାଣତିଆ- ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷଣ କରାଯାଇଛି ।

# ବିଳମ୍ବରେ ଆସୁଛନ୍ତି କୃଷି ବିଭାଗ କର୍ମଚାରୀ: ଅପେକ୍ଷା କରି କରି ଚାଷି ନିରାଶ

ଫୁଲବାଣୀ: କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଖଜୁରୀପଡ଼ା ଠାରେ ସୁବିଧା କେନ୍ଦ୍ରରେ ମିଳୁନି ସୁବିଧା ବିଳମ୍ବରେ ଆସୁଛନ୍ତି କୃଷି କର୍ମଚାରୀ ।ଘଂଟା ଘଂଟା ଧରି ଅପେକ୍ଷା କାରଣରୁ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି । ଖଜୁରୀପଡ଼ା ସ୍ଥିତ କୃଷି ବିଭାଗ କର୍ମଚାରୀ ବିଳମ୍ବରେ କାର୍ଯ୍ୟାଳୟକୁ ଆସୁଥିବା ବେଳେ ବହୁଚାଷୀ ଅପେକ୍ଷା କରି ନିରାଶରେ ଫେରୁଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ଧାନଚାଷ ପରେ ଶୋରିଷ ବିହନ ବୁଣିବାକୁ ଚାଷୀ କ୍ଷେତ ପ୍ରସ୍ତୁତ କରୁଛନ୍ତି । ବିଭାଗ ପକ୍ଷରୁ ମଧ୍ୟ ଚାଷୀଙ୍କୁ ଶୋରିଷ ବିହନ ବଂଟନ କରାଯାଉଛି କିନ୍ତୁ ମଙ୍ଗଳବାର ପୁର୍ବାହ୍ନ ୧୧ଟା ସୁଦ୍ଧା କୌଣସି କର୍ମଚାରୀ କାର୍ଯ୍ୟାଳୟକୁ ଆସିନଥିଲେ । ଚାଷୀ ଶୋରିଷ ବିହନ ନେବାକୁ ଅପେକ୍ଷା କରି ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ସବୁଦିନିଆ ଘଟଣା ବୋଲି ଅନେକ ଚାଷୀ ମଧ୍ୟ ଅଭିଯୋଗ କରିଛନ୍ତି ଯେ ଫୁଲବାଣୀରେ ଏକ ବୈଠକକୁ ଯାଇଥିବା କହିଥିଲେ । କର୍ମଚାରୀ ପହଂଚିନଥିବା କହିବାରୁ ସେ ତୁରନ୍ତ ଜଣେ ଡାଟା ଏଂଟ୍ରି ଅପରେଟରଙ୍କୁ ପଠାଉଛନ୍ତି ବୋଲି କହିଥିଲେ । ସେହିଭଳି ଦଳପଡା ପଂଚାୟତର ମଧ୍ୟ ବହୁ ଚାଷୀଙ୍କୁ ବିଭାଗ ପକ୍ଷରୁ ଶୋରିଷ ବିହନ ଦିଆଯିବା ନେଇ ସୂଚନା ଦିଆଯାଇଥିଲେ ମଧ୍ୟ ବାରମ୍ବାର ନିରାଶ ହୋଇ ଫେରୁଥିବାର ଚାଷୀ ଉଦୟ ବେହେରା,ଶୁକଦେବ ବେହେରା,ଶକୁନ୍ତଳା କହଁର,ଅନ୍ନପୂର୍ଣ୍ଣା କହଁରଙ୍କ ଭଳି ବହୁ ଚାଷୀ ଅଭିଯୋଗ କରିଛନ୍ତି ।

# ନାବାଳିକାକୁ ମିଥ୍ୟା ପ୍ରଲୋଭନ ଦେଖାଇ ଦୁଷ୍କର୍ମ

ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳରେ ନାବାଳିକାକୁ ମିଥ୍ୟା ପ୍ରଲୋଭନ ଦେଖାଇ ଶାରିରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଯୁବକ ଜଣକ ହେଲେ ରାମ ପ୍ରସାଦ କହଁର (୨୨)ସମ୍ପୃକ୍ତ ନାବାଳିକା ଗର୍ଭବତୀ ଥିବା ଜଣାପଡିବା ପରେ ବାପାଙ୍କ ଅଭିଯୋଗ ଅନୁସାରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବୁଧବାର ସେ ଫୁଲବାଣୀ ସହରରେ ବୁଲୁଥିବା ଖବର ମିଳିବା ପରେ ଗୋଛାପଡ଼ା ପୋଲିସ ତାକୁ ଗିରଫ କରିଥିଲା । ନାବାଳିକାଙ୍କ ଡାକ୍ତର ଟେଷ୍ଟ ପରେ ଏବେ ତାଙ୍କୁ ଏକ ଆଶ୍ରମରେ ରଖାଯାଇଛି । ଗୋଛାପଡ଼ା ଥାନାରେ ଏଥିନେଇ ୮୮/୨୧ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଂଜିତ କୁମାର ମୁନୀ ସୁଚନା ଦେଇଛନ୍ତି ।

# କେନ୍ଦ୍ରାପଡ଼ାରେ ପୌର ନିର୍ବାଚନ ହେବା ନେଇ ଆଶଙ୍କା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ାରେ ପୌର ନିର୍ବାଚନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । କାରଣ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ଗେଜେଟ୍‌ରେ କେନ୍ଦ୍ରାପଡ଼ା ପୌରପାଳିକା ନାମ ସ୍ଥାନ ପାଇନାହିଁ । ତେଣୁ କେନ୍ଦ୍ରାପଡ଼ାରେ ପୌର ନିର୍ବାଚନ ହେବ କି ନାହିଁ ସେ ନେଇ ଅନିଶ୍ଚିତତା ଲାଗି ରହିଛି । କେନ୍ଦ୍ରାପଡ଼ା ପୌରପାଳିକା ନିର୍ବାଚନ ନେଇ ୨୦୧୭ ମସିହାରେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ସେହି ମାମଲାର ବିଚାର ଶେଷ ହୋଇନାହିଁ । ତେଣୁ ଯେ ପର୍ଯ୍ୟନ୍ତ ହାଇକୋର୍ଟରେ ମାମଲାର ବିଚାର ଶେଷ ହୋଇନାହିଁ ସେ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପୌରପାଳିକା ନିର୍ବାଚନ ଝୁଲିକି ରହିଲା । ଏହାକୁ ନେଇ ଆଶାୟୀ କାଉନ୍‌ସିଲର ଓ ନଗରପାଳ ପ୍ରାର୍ଥୀମାନେ ଚିନ୍ତାରେ ପଡି ଯାଇଛନ୍ତି । କାରଣ କିଛିଦିନ ହେବ ଆଶାୟୀମାନେ ବେଶ ଉତ୍ସାହିତ ହୋଇ ପଡିଥିଲେ । ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ହେବ ବୋଲି ସେମାନେ ନିର୍ବାଚନ ମୈଦାନକୁ ଯିବା ପାଇଁ ପାଗ ଭିଡିଥିଲେ । ଏ ନେଇ ନିଜ ନିଜ ଦଳର ନେତାମାନଙ୍କ ସହ ଘନ ଘନ ବୈଠକର ଆୟୋଜନ କରୁଥିଲେ । ନେତାମାନେ ମଧ୍ୟ ସେମାନଙ୍କୁ ପ୍ରତିଶ୍ରୁତି ଦେଉଥିଲେ ଯେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କାହାକୁ ଟିକଟ ଦିଆଯିବ ତାହା ଚୁଡ଼ାନ୍ତ ହେବ । ହେଲେ ଏବେ ରାଜ୍ୟ ସରକାର ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ସେଥିରେ କେନ୍ଦ୍ରାପଡ଼ାର ନାମ ନଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ଗତ ୨୦୧୭ ମସିହାରେ ପୂର୍ବତନ କାଉନ୍‌ସିଲର ମୁକ୍ତାର ଖାଁ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାୟର କରିଥିଲେ । ସେ କୋର୍ଟଙ୍କୁ ନିବେଦନ କରିଥିଲେ ଯେ ଗୋଟିଏ ୱାର୍ଡରୁ ଦୁଇଥର ଜଣେ ପ୍ରାର୍ଥୀ ଲଢିବାର ସୁଯୋଗ ପାଆନ୍ତୁ ଓ ଏଥିସହ ସୀମା ନିର୍ଦ୍ଧାରଣ କରାଯାଉ । କାରଣ ସୀମା ନିର୍ଦ୍ଧାରଣ ନ ହେବାରୁ ଗୋଟିଏ ସ୍ଥାନର ଲୋକ ଭୋଟ ଦେବା ପାଇଁ ୩ରୁ ୪ କିଲୋମିଟର ଯିବାକୁ ପଡୁଛି । ଏହାଦ୍ୱାରା ସମସ୍ୟା ସୃଷ୍ଟି ହେଉଛି । ଏହି ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଥିଲେ । ନିର୍ବାଚନ ସଂକ୍ରାନ୍ତୀୟ ମାମଲା କୋର୍ଟରେ ବିଚାରାଧିନ ଥିବାରୁ ନୂଆ ଗେଜେଟ୍‌ରେ କେନ୍ଦ୍ରାପଡ଼ା ପୌରପାଳିକାର ନାମ ସ୍ଥାନ ପାଇ ନାହିଁ । ମାମଲାର ଚୁଡାନ୍ତ ଫଇସଲା ହୋଇ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ପୌର ନିର୍ବାଚନ ହେବ କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ଜଣାପଡିଛି । କେନ୍ଦ୍ରାପଡ଼ା ପୌରପାଳିକାର ପ୍ରଶାସକ ଭାବେ ପୂର୍ବରୁ ଉପ ଜିଲାପାଳ ଥିବା ବେଳେ ଏବେ ଜିଲାପାଳଙ୍କୁ ପୌର ପ୍ରଶାସକ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ଉପ ଜିଲାପାଳଙ୍କୁ ପଟ୍ଟାମୁଣ୍ଡାଇ ପୌରପାଳିକାର ପ୍ରଶାସକ ଭାବେ ସରକାର ନିଯୁକ୍ତି ଦେଇଛନ୍ତି ।

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

# ଶ୍ରୀଲିଙ୍ଗରାଜଙ୍କ କୁଡୁଆ ସମ୍ପତ୍ତି ରେ ପ୍ଲଟିଂ ସ୍କିମ୍: ତହସିଲଦାରଙ୍କୁ ଅଭିଯୋଗ କଲା ଏକାମ୍ର ଜନଜାଗରଣ ମଞ୍ଚ



ଭୁବନେଶ୍ୱର (ପିଏନ୍): ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଭବିଷ୍ୟତରେ ସେବା ପୂଜା ସଂକଟ ଉପୁଜିବା ଏକ ପ୍ରକାର ନିଶ୍ଚିତ ହୋଇସାରିଲାଣି । ହାତଗଣତି ଉଚ୍ଚବର୍ଗର ସେବାୟତଙ୍କ ପ୍ରଭାବ, ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ଏବଂ ଦେବୋତ୍ତର କମିଶନରଙ୍କ ନିରବତା କାରଣରୁ କେତେକ ସେବା ଓ ପରଂପରା ଲୋପ ହେବାକୁ ବସିଲାଣି । ଏହି କ୍ରମରେ କୁଡୁଆ, ମାଟି ପଲମ, ସରା ଆଦି ଯୋଗାଇବାକୁ କୌଣସି ପ୍ରକାର କର ଧାର୍ଯ୍ୟ କରାନଯାଇ ୩୫ଏକରରୁ ଉର୍ଦ୍ଧ୍ୱ ଚାଷଜମି କେତେକ କୁମ୍ଭାର ସେବାୟତଙ୍କୁ ଦିଆଯାଇଥିଲା । ଆଧୁନିକତାର ଛାପରେ ଅନେକ କୁମ୍ଭାର ସେବାୟତଙ୍କ ଏବେକାର ପିଢି ପାରମ୍ପରିକ ସେବା ପୂଜା କରିବାକୁ ଅମଙ୍ଗ ହେବାକାରଣରୁ ପ୍ରାୟ ୯୦ପ୍ରତିଶତ କୁମ୍ଭାର ସେବାୟତ ସେମାନଙ୍କ ନିଷ୍କର କିସମ ଚାଷ ଜମିଗୁଡ଼ିକୁ ପ୍ରଭାବଶାଳୀ ବିଲଡ଼ର ଓ ତହସିଲ କର୍ମଚାରୀଙ୍କୁ ହାତ କରି ସ୍ଥିତିବାସ ଓ ଘରବାଡ଼ି ଦର୍ଶାଇ ବିକ୍ରୀ କରିସାରିଲେଣି । ସାମନ୍ତରାପୁର ସ୍ଥିତ ନୂଆଗାଁ ମୌଜାର ପ୍ଲଟ ନଂ - ୨୨୯ ଯାହାକି ଏକଦା ନିଷ୍କର କୁଡୁଆ ଚାଷଜମି ରହିଥିଲା ଏହାକୁ ପ୍ଲଟିଂ କରି ବିକ୍ରି କରିବା ବିରୋଧରେ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି । ତୁରନ୍ତ ଏହି ଏହି କୁଡୁଆ ସମ୍ପତ୍ତିକୁ ବିକ୍ରିବଟାରେ ରୋକ ଲଗାଯାଇ ଶ୍ରୀଲିଙ୍ଗରାଜଙ୍କ ତହବିଲକୁ ଫେରାଇ ଅଣାଯାଉ । ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାଏକଙ୍କ ସହ ସୌମ୍ୟରଞ୍ଜନ ପଣ୍ଡା, ଗୋପିନାଥ ପ୍ରଧାନ, ମାନସ ରଞ୍ଜନ ପତି, ବିଜୟ କୁମାର ଭଟ୍ଟାଚାର୍ଯ୍ୟ, ରାଜେଶ ମିଶ୍ର, ସଞ୍ଜୁଲତା ପଟ୍ଟନାୟକ, ବିନୋଦିନୀ ସେନାପତି, ମାନଷୀ ମହାନ୍ତି, ବିଷ୍ଣୁପ୍ରିୟା ଜେନା, ଦିବ୍ୟକାନ୍ତ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ ।

# ଯୋଡ଼ା ବାଂସପାଣି ରେଳ ବିଭାଗ ପକ୍ଷରୁ ବସ୍ତି ଉଚ୍ଛେଦ ଆରମ୍ଭ



ଯୋଡ଼ା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ବାଂଶପାଣି ରେଳ କ୍ଷେତ୍ରରେ ୧୨ ତାରଖ ସଂଧ୍ୟାରେ ସ୍ଥାନୀୟ ବାସିନ୍ଦା ଏବଂ ରେଳ ବିଭାଗର ଆରପିଏଫ ଜବାନଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳକୁ ନେଇ ଅନେକ ବସ୍ତି ବାସିନ୍ଦା ଫେରାର ଥିବା ବେଳେ ପ୍ରାୟ ୧୦/୧୨ଜଣ ବସ୍ତି ବାସିନ୍ଦାଙ୍କୁ ପୋଲିସ ପକ୍ଷରୁ ଗିରଫ କରାଯାଇଛି । ୧୨ ତାରିଖରେ ହୋଇଥିବା ଘଟଣାକୁ ଆଧାର କରି ଗତକାଲି ରେଳ ବିଭାଗ ପକ୍ଷରୁ ନିଜ ଜମିକୁ ଅକ୍ତିଆର କରିବା ନେଇ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ଚଳିତ ମାସ ୧୨ ତାରିଖରେ ରେଳ କ୍ଷେତ୍ରରେ ଜଣେ ବସ୍ତି ବାସିନ୍ଦାଙ୍କ ମୃତ ଦେହ ଉଦ୍ଧାର କରାଯାଇଥିଲା । ବସ୍ତି ବାସିନ୍ଦା ଏହି ମୃତ୍ୟୁକୁ ଆରପିଏଫ ଜବାନଙ୍କୁ ଦାୟୀ କରି ରେଳ କ୍ଷେତ୍ରରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ଆରପିଏଫ ଜବାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ତେବେ ଏହି ତୁମୁଳକାଣ୍ଡରେ କିଛି ଆରପିଏଫ ଜବାନ ଆହତ ହୋଇ ଚିକିତ୍ସା ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ରେଳବିଭାଗର ଜଣେ ସୁରକ୍ଷା କର୍ମୀ ସମସେର ସିଂଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ଆଧାର କରି ରେଳବାଇ ଆଇନ ଅନୁଯାୟୀ ଉକ୍ତ ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ପୋଲିସ ଗିରଫ କରୁଥିବା ବେଳେ ଆଉ କିଛି ଲୋକ ଫେରାର ଅଛନ୍ତି । ତେବେ ଏହି ଘଟଣା ପରେ ବାଂଶପାଣୀ ରେଳବିଭାଗର ଜମି ଉପରେ ବାପ ଅଜା ଅମଳରୁ ରହିଆସୁଥିବା ସ୍ଥାନୀୟ ଲୋକଙ୍କୁ ୪୮ ଘଣ୍ଟିଆ ନୋଟିସ ଦେଇ ଗତକାଲି ସକାଳ ସମୟରୁ ବ୍ୟାପକ ପୋଲିସ ଫୋର୍ସ ଏବଂ ରେଳବାଇ ପୋଲିସ ମୁତୟନ କରାଯାଇ ଉଚ୍ଛେଦ ପ୍ରକ୍ରୟା ଆରମ୍ଭ ହୋଇଯାଇଛି । ଏହି ପ୍ରକ୍ରିୟାରେ ପ୍ରାୟ ୬୦ ପାଖାପାଖି ଘର ଭାଙ୍ଗି ମାଟିରେ ମିଶାଇ ଦିଆଯିବ ବୋଲି ଜଣାପଡିବା ସହ ଗତକାଲି ପାଖାପାଖି ୨୦ଟି ଘର ଭାଙ୍ଗି ଦିଆଯାଇଛି । ଯାହାଫଳରେ ବସ୍ତି ବାସିନ୍ଦା ନିଜ ଛୁଆ ପିଲା ଧରି ରାସ୍ତାରେ ଛିଡା ହୋଇଥିବା ଦେଖିବାକୁ ମିଳିଛି । ଏହି ଉଚ୍ଛେଦ ପ୍ରକ୍ରିୟା ଦ୍ୱାରା କିଛି ବ୍ୟବସାୟୀ ନିଜ ବ୍ୟବସାୟ ହରାଇବା ସହ ବସ୍ତିବାସିନ୍ଦା ନିଜ ମୁଣ୍ଡ ଗୁଂଜିବାର ବାସ ହରାଇ ଅବ୍ୟବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ତେବେ ଏଠାରେ ସୂଚାଇ ଦିଆଯାଉଛି ଯେ ଏହି ବସ୍ତି ଗୁଡିକରେ ବସବାସ କରୁଥିବା ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଭୂମିହୀନମାନଙ୍କ ନିମନ୍ତେ ପଟ୍ଟା ଯୋଜନାରେ ସାମିଲ କରି ଜମି ପଟ୍ଟା ମିଳିଥିବା ବେଳେ ରେଳ ବିଭାଗ ଏହାକୁ ମାନିବାକୁ ନାରାଜ ହେଉଛି ଯାହା ବସ୍ତି ବାସିନ୍ଦାଙ୍କୁ ଆଶ୍ଚର୍ଯ୍ୟ ଏବଂ ହତାଶ କରିଛି ।




# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ବକ୍ତୃତା ପ୍ରତିଯୋଗିତା

କେନ୍ଦୁଝର, (ପିଏନ):ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ କେନ୍ଦ୍ରିୟ ଭିଜିଲାନ୍ସ କମିଶନ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଚଳିତ ଅକ୍ଟୋବର ୩୦ ତାରିଖ ଶନିବାର ଦିନ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁପାଳନ ପୂର୍ବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । «Independent India @ ୭୫: ଝରକ୍ଷଲ ଜରକ୍ଷସବଭମର with Integrity« -ସ୍ୱତନ୍ତ୍ର ଭାରତ ଅ ୭୫: ସତ୍ୟନିଷ୍ଠା ରୁ ଆତ୍ମନିର୍ଭରତା ଶୀର୍ଷକ ଉପରେ ଆୟୋଜିତ ଉକ୍ତ ବକ୍ତୃତା ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଡେପୁଟି କଲେକ୍ଟର ଶ୍ରୀମତୀ ଗାୟତ୍ରୀ ସୋରେନ୍, ବରିଷ୍ଠ ଭିଜିଲାନ୍ସ ଇନ୍ସପେକ୍ଟର ଦୈତାରୀ ଘଡାଇ ଏବଂ ହେମାମାଳିନୀ ନାୟକ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ବକ୍ତୃତା ପ୍ରତିଯୋଗିତାର ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଉପରୋକ୍ତ ପ୍ରତିଯୋଗିତାରେ ସାହାରପଡା ତହସିଲର ବରିଷ୍ଠ ରାଜସ୍ୱ ସହାୟକ ରଶ୍ମୀ ରଂଜନ ମହାନ୍ତି ପ୍ରଥମ, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଅମରେଶ ପ୍ରସାଦ ମିଶ୍ର ଦ୍ୱିତୀୟ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପିତବାସ ମହାନ୍ତ ଏବଂ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ଏମ.ଆଇ.ଏସ. ରୋହନ ଖାଣ୍ଡେଲୱାଲ୍ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀ ସର୍ବେଶ୍ୱର ସାହୁ, ଧୃବୀନ୍ଦ୍ର ପାତ୍ର, ମଳୟ କୁମାର ବାରିକ, ରାଜଶ୍ରୀ ଷଡଙ୍ଗୀ, ରମେଶ କୁମାର ପାତ୍ର, ଉପେନ୍ଦ୍ର ମହାନ୍ତଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ନିତୀ ନିବାରଣ ସପ୍ତାହ ପାଳିତ

ଖୋର୍ଦ୍ଧା,(ପିଏନ): ଅକ୍ଟୋବର ୨୬ ତାରିଖ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନିତୀ ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏ ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶପଥ ପାଠ ପରେ ଜିଲ୍ଲା ସଂସ୍କତି ଭବନରେ ଏ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରା ଅତିଥିଭାବେ ଯୋଗ ଦେଇ ରାଷ୍ଟ୍ର ନିର୍ମାଣରେ ପ୍ରତ୍ୟେକ ଭାରତୀୟ ନାଗରିକ ଅଂଶ ଗ୍ରହଣ କରି ସଚ୍ଚୋଟତା ଓ ସାଧୁତା ବଜାୟ ରଖି ଦୁର୍ନିତୀମୁକ୍ତ ସମାଜ ଗଠନ ନିର୍ମାଣରେ ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ ।ସରଳ ଜୀବନଯାପନ ସହ ସମାଜର ଉନ୍ନତି ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କଲେ ସମାଜର ଉନ୍ନତି ହୋଇ ପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ନିଜର ମତ ରଖିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭୁବନେଶ୍ୱର ଦୁର୍ନିତୀ ନିବାରଣ ବିଭାଗର ଅତିରିକ୍ତ ଅଧିକାରୀ ଗଣେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ ।

## ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ନିମନ୍ତେ ବୈଠକ

ଖୋର୍ଦ୍ଧା,(ପିଏନ):ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନିମନ୍ତେ ଏକ ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଭାରତର ନିର୍ବାଚନ ଆୟୋଗ ପକ୍ଷରୁ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଚଳିତ ନଭେମ୍ବର ମାସ ୧ ତାରିଖରୁ ଭୋଟର ତାଲିକାରେ ନାମ ପଞ୍ଜିକରଣ,ବାଦ ଓ ସଂଶୋଧନ କାର୍ଯ୍ୟ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଉପସ୍ଥିତ ସାମ୍ବାଦିକ ମାନଙ୍କୁ କହିଛନ୍ତି ।ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ବୈଠକରେ ଯୋଗ ଦେଇ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମ ୬,ନାମକୁ ବାଦ ଦେବା ପାଇଁ ଫର୍ମ ୭,ନାମ ସଂଶୋଧନ ପାଇଂ ଫର୍ମ ୮,ଏବଂ ଉଲ୍ଲେକ ହୋଇଥିବା ନାମର ସ୍ଥାନ ପରିବର୍ତନ ପାଇଁ ଫର୍ମ ୮(କ) ଦରଖାସ୍ତ କେନ୍ଦ୍ରରେ ଗ୍ରହଣ କରାଯାଇଛି । ଜାନୁଆରୀ ମାସ ୧ ତାରିଖ ୨୦୨୨ ମସିହା ସୁଦ୍ଧା ୧୮ ବର୍ଷ କିମ୍ବା ତଦୁର୍ଦ୍ଧ ବୟସର ନୂତନ ବ୍ୟକ୍ତି ଭୋଟର ଭାବେ ପଞ୍ଜିକରଣ ପାଇଁ ନାମ ଆବେଦନ କରିପାରିବେ । ଚଳିତ ନଭେମ୍ବର ମାସ ୧ ତାରିଖରେ ଭୋଟର ତାଲିକା ପ୍ରକାଶନ ପରେ ୩୦ ତାରିଖ ମଧ୍ୟରେ ଦାବୀ ଓ ଆପତି ଗ୍ରହଣ କରାଯିବ ।ନଭେମ୍ବର ମାସ ୭ ତାରିଖ ରବିବାର ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଓ ଡିସେମ୍ବର ମାସ ୨୦ ତାରିଖ ସୁଦ୍ଧା ଦାବୀ ଓ ଆପତି ଅଭିଯୋଗ ସମାଧାନ, ଜାନୁଆରୀ ମାସ ୫ ତାରିଖ ଦିନ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ।ଏଥିରେ ଭୁବନେଶ୍ୱର ଉପଜିଲ୍ଲାପାଳ ଦେବବ୍ରତ ସାହୁ,ଖୋର୍ଦ୍ଧା ଉପଜିଲ୍ଲାପାଳ ଶ୍ରୀ ଆଇ ଗୌରବ ଶିବାଜୀ ଓ ଇଲେକ୍ସନ ଡେପୁଟି କଲେକ୍ଟର ମୋହନ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ବିଶ୍ୱ ମିତବ୍ୟୟିତା ଦିବସରେ ସଂଚୟ ରଥ ପରିକ୍ରମା

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ସଦର ମହକୁମାର ମିତବ୍ୟୟିତା ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି ।ଏହି ଉପଲକ୍ଷେ କାର୍ଯ୍ୟାଳୟ ପରିସରରୁ ସଂଚୟ ରଥ ପରିକ୍ରମା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଏହି ରଥଟି ଖୋର୍ଦ୍ଧା ପୌରାଚଂଳ, ଗୁରୁଜଙ୍ଗ, ହଳଦିଆ, ଅଣ୍ଟା,ବାଜପୁର ଓ ନନ୍ଦପୁର ଆଦି ଅଂଚଳକୁ ଯାଇ ଜନସାଧାରଣଙ୍କୁ ସଚେତନ କରିଥିଲା ।ନିରାପଦ ସଂଚୟ ,ଡାକଘର ଓ ବାଣିଜ୍ୟକ ବ୍ୟାଙ୍କମାନଙ୍କରେ ଉପଲବ୍ଧ ସ୍ୱଳ୍ପ ସଂଚୟ ଯୋଜନାରେ ଅର୍ଥ ନିବେଶ ପାଇଁ ସଚେତନ କରାଯାଉଛି ।ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ତରଫରୁ ନଭେମ୍ବର ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ବୃକ୍ଷ ରୋପଣ ,ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯିବ ।

## ଓଏମ୍‌ସି ଗନ୍ଧମାର୍ଦ୍ଦନ ଖଣି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

କେନ୍ଦୁଝର, (ପିଏନ): ବାଂଶପାଳ ବ୍ଲକର ଶୁଆକାଟୀ ଗ୍ରାମରେ ଓଡିଶା ଖଣି ନିଗମ (ଓଏମ୍‌ସି) ଗନ୍ଧମାର୍ଦ୍ଦନ ଲୌହ ଖଣି ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଏକ ମାରାଥନ ଦୌଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତିନୋଟି ଗ୍ରାମ ପଂଚାୟତ ସହିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ମିଶି ସର୍ବମୋଟ ୩୦୦ ଲୋକ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାକୁ ଶୁଆକାଟୀ ଓଏମ୍‌ସି ଅଫିସ୍ ଗେଟ୍ ଶୁଆକାଟୀରୁ ଆରମ୍ଭ ହୋଇ ଦଅଁଳା ପର୍ଯ୍ୟନ୍ତ ସର୍ବମୋଟ୍ ୮କି.ମି. କରାଯାଇଥିଲା । ଏହି ପ୍ରତିଯୋଗିତାକୁ ଓଏମ୍‌ସିର ଶ୍ରୀ ଲଖନ ହାଁସଦା ଉଦ୍‌ଘାଟନ କରିଥିଲେ ଏବଂ ଶ୍ରୀ ଶକ୍ତି ରନ ଦାଶ ଏହାକୁ ପରିଚାଳନା କରିଥିଲେ ।

## କୃଷ୍ଣଚନ୍ଦ୍ରଙ୍କ ଭତ୍ତା ନାହିଁ କି ଆବାସ ନାହିଁ

ଆନନ୍ଦପୁର:(ପି.ଏନ):ଘଷିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାଇଁକୁଳ ଗ୍ରାମର କୃଷ୍ଣଚନ୍ଦ୍ର ପରିଡା ଭତ୍ତା ଏବଂ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଘଷିପୁରା ବିଡିଓଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ତାଙ୍କୁ ମିଳିପାରି ନାହିଁ । ତାଙ୍କର ବୟସ ୭୧ବର୍ଷ ହୋଇଥିବା ବେଳେ ବୟସର ଅପରାହ୍ନରେ ଚାଳ ଛପର ଘରେ ରହିବାରେ ଅନେକ ସମସ୍ୟା ଉପୁଜୁଥିବା କଥା ସେ କହିଛନ୍ତି ।

## ବିଜେଡିର ପଚଂାୟତସ୍ତରୀୟ ନେତୃତ୍ୱ ସମ୍ମିଳନୀ

ଝୁମ୍ପୁରା, (ପିଏନ):କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅର୍ନ୍ତଗତ ନହବେଡା ପଚଂାୟତ ଏବଂ ଖେଣ୍ଡରା ପଚଂାୟତରେ ଝୁମ୍ପୁରା ବ୍ଲକ ବିଜେଡିର ପଚଂାୟତସ୍ତରୀୟ ନେତୃତ୍ୱ ସମ୍ମିଳନୀ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ସକାଳ ୧୧ଘଟିକା ସମୟରେ ନହବେଡା ପଚଂାୟତର ବୈଠକ ନହବେଡା ଗ୍ରାମ୍ୟ କାଜୁ ବଗିଚା ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକ ପଚଂାୟତ ସଭାପତି ବିଶ୍ୱନାଥ ନାଏକଙ୍କ ସଭାପତିତ୍ୱରେ ସଭା ପରିଚାଳନା ହୋଇଥିଲା । ଏହି ବୈଠକରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର , ଜିଲ୍ଲା ସାଧାରଣ ସମ୍ପାଦକ ବିପିନ ବିହାରୀ ଆପଟ୍ଟ, ସମ୍ପାଦକ ରାଧାଗୋବିନ୍ଦ ପଟ୍ଟନାୟକ, ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ , ଯୁବ ସଭାପତି ପ୍ରଦିପ କୁମାର ମହାନ୍ତ, ସ୍ଥାନୀୟ ସରପଚଂ ଡମ୍ବରୁ ଧର ନାଏକ, ଝୁମ୍ପୁରା ପଚଂାୟତ ସଭାପତି ପ୍ରଫୁଲ ପ୍ରଧାନ, ଝୁମ୍ପୁରା ବ୍ଲକ ଡିଜିଟାଲ ସେକ୍ରେଟାରୀ କୃଷ୍ଣଚନ୍ଦ୍ର ମହାନ୍ତ, ଟୁନା ଭଞ୍ଜ, କାଳନ୍ଦି ମହାନ୍ତ, ଭୂପନ୍ଦର ତିଓ, ତୁଳସୀ ମହାନ୍ତ, ପବନା ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଖେଣ୍ଡରା ପଚଂାୟତର ଫକିରପୁର ଗ୍ରାମ୍ୟ ଫୁଟବଲ ପଡିଆ ଠାରେ ଅପରାହ୍ନ ସମୟରେ ବିଜେଡି ର ଆୟୋଜିତ ପଚଂାୟତସ୍ତରୀୟ ନେତୃତ୍ୱ ସମ୍ମିଳନୀ ସଭାପତି ଖଗେଶ୍ୱର ମହାନ୍ତ ଙ୍କ ଅଧ୍ୟକ୍ଷତାରେ ପରିଚାଳନା ହୋଇଥିଲା । ଉକ୍ତ ବୈଠକରେ ମଧ୍ୟ ଉପରୋକ୍ତ ଜିଲ୍ଲା ତଥା ବ୍ଲକସ୍ତରୀୟ ନେତୃମଣ୍ଡଳୀ ଉପସ୍ଥିତ ରହି ଆଗାମୀ ତ୍ରୀସ୍ତରୀୟ ପଚଂାୟତ ନିର୍ବାଚନରେ ବିଜେଡି ର ବିଜୟ ହେବ ସେଥି ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ରଣନୀତି ପ୍ରସ୍ତୁତ ହୋଇଥିଲା । ଉପସ୍ଥିତ ନେତୃତ୍ୱମଣ୍ଡଳୀ ନିଜ ନିଜ ଅଚଂଳର ସ୍ଥିତି ପରିସ୍ଥିତି ସମ୍ବନ୍ଧରେ ଆଲୋକପାତ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରରେ ତାଳଦେଇ ଚାଲିବାକୁ ଆମ୍ଭମାନେ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରିଥିଲେ ।

## ଅଣ୍ଡର ପାସ ନିର୍ମାଣ ଆଲୋକୀକରଣ ପାଇଁ ସର୍ବଦଳୀୟ ବୈଠକ

ଖୋର୍ଦ୍ଧା,(ପିଏନ): ୧୬ ନମ୍ବର ଜାତୀୟ ରାଜପଥର ଗଡ ଖୋର୍ଦ୍ଧା ଛକ ଠାରୁ ବାଟମଙ୍ଗଳା ଛକ ପର୍ଯ୍ୟନ୍ତ ଅଣ୍ଡର ପାସ ନିର୍ମାଣ ଓ ପିତାପଲ୍ଲୀ ଠାରୁ ପଲ୍ଲା ତୋଟାପଡା ପର୍ଯ୍ୟନ୍ତ ଆଲୋକୀକରଣ ପାଇଁ ଖୋର୍ଦ୍ଧାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଉ ଥିଙ୍କିଂ ଫୋରମ ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଫୋରମର ସଭାପତି ନରେନ୍ଦ୍ର କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଂପୃକ୍ତ ଦାବୀ ଗୁଡିକ ପୂରଣ କରାଯିବା ସହ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ସ୍ଥାନୀୟ ବିଧାୟକ ଜିତୁ ମିତ୍ର,ଜଟଣୀ ବିଧାୟକ ସୁର ରାଉତରାୟ,କମ୍ୟୁନିଷ୍ଟ ପାର୍ଟି(ଏମ)ର ସମ୍ପାଦକ ଅନନ୍ତ ମଙ୍ଗରାଜ ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀ ଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ସଂଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇନଜୀବୀ ଶିଶିର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସଦ ଶ୍ରୀମତୀ ଷଡଙ୍ଗୀଙ୍କୁ କେନ୍ଦ୍ରର ରାଜସ୍ୱ ପରିବହନ ମନ୍ତ୍ରୀ ନିତିନ ଗଡକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା ।ଏଥିରେ ଆଇନଜୀବୀ ବିଚିତ୍ର ବଡଜେନା ,ବସନ୍ତ ଦାସ,ପ୍ରମୋଦ ସାହୁ ,ଅଦୈତ ପ୍ରଧାନ,ପୁଷ୍ପା ମହାପାତ୍ର,ଶିକ୍ଷାବିତ ଗୋପାଳ ଦାସ,ଭୀମସେନ ପ୍ରଧାନ,ପ୍ରଫୁଲ ସାମନ୍ତରାୟ,ବୃନ୍ଦାବନ ପଣ୍ଡା,ସମାଜସେବୀ କୃଷ୍ଣ ଚନ୍ଦ୍ର ହରି ଚନ୍ଦନ,କେଫାତୁଲ୍ଲା ଖାଁ,ଇତିଶ୍ରୀ ସାହୁ,ବିପ୍ର ବେହେରା,ନରେନ୍ଦ୍ର ଚମ୍ପତି,ଅମିତ ମହାନ୍ତି,ରମଜାନ ଖାଁ,ମୃତ୍ୟୁଞ୍ଜୟ ଛୋଟରାୟ,ଏମଡି କାଲାମ,ଏମଡି ବଶ,ଶିବ ପ୍ରସାଦ ଦାଶ,ସୁବାସ ପାତ୍ର ଓ ସୁବାସ ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ ।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)-ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ ବୈଠକରେ ନିଷ୍ପତି ନିଆଯାଇଛି ।

ବିଧାନସୌଧରେ ୱାଇ-ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍-୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡି.ଏ.ଭି କଳିଙ୍ଗ ନଗରଠାରେ ନୂତନ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ




ଭୁବନେଶ୍ୱର ,(ପି.ଏନ): ଡି,ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗର ଠାରେ ନୂତନ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱ ନେବାର ଲକ୍ଷ୍ୟ ନେଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ଆକାଶ, ଅଗ୍ନି, ପୃଥିବୀ ଓ ତେଜସ୍ ନାମକ ଚାରି ସଦନର ପୂର୍ବତନ ସଦସ୍ୟମାନେ ନୂତନ ସଦସ୍ୟମାନଙ୍କୁ ଦାୟିତ୍ୱ ହସ୍ତା'ର କରିଥିଲେ । ଏହି ଉତ୍ସବରେ ୧୯୯୭ ବ୍ୟାଚ କମିସନ୍ଡ ଅଫିସର ତଥା ଷଷ୍ଠ ଏନ୍.ସି.ସି ବ୍ୟାଟେଲିଅନ ପୁରୀର ପ୍ରଶାସନିକ ଅଧିକାରୀ, କର୍ଣ୍ଣେଲ ପ୍ରସନ୍ନ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ ହିଁ ନେତୃତ୍ୱ ଗୁଣବତ୍ତାର ବିକାଶ ସାଧନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହ ଦୃଢ ମନୋବଳ ପୋଷଣ କରି ନିଷ୍ଠାପର ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ୍ କୁମାର ସାହୁ ନବ ନିର୍ବାଚିତ କ୍ୟାବିନେଟ୍ ସଦସ୍ୟମାନଙ୍କୁ ପଦ ଓ ଦାୟିତ୍ୱବୋଧର ଶପଥ ପାଠ କରାଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା ନୂତନ କ୍ୟାବିନେଟ ସଦସ୍ୟମାନଙ୍କୁ ସୂଚାରୁରୂପେ ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହ ପୁରାତନ ଛାତ୍ର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସଦନର ସଂଯୋଜକ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କରୋନା କଟକଣାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ଗୋଚରାର୍ଥେ ୟୁଟ୍ୟୁବ୍ ମାଧ୍ୟମରେ ସିଧାପ୍ରସାରଣ କରାଯାଇଥିଲା ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଡାକ ବିଭାଗର ଦୁର୍ନୀତି ନିବାରଣ ସଚେତନତା ଦିବସ ପାଳିତ




କେନ୍ଦୁଝର:, (ପିଏନ):ସ୍ଥାନୀୟ ରାଇସୁଆଁ ଶିଶୁ ମନ୍ଦିର ସଭାଗୃହରେ କେନ୍ଦୁଝର ଡାକ ବିଭାଗ ତରଫରୁ ଦୁର୍ନୀତି ନିବାରଣ ସଚେତନତା ଦିବସ ପାଳିତ ହୋଇଯାଇଛି । ଏଥିରେ କେନ୍ଦୁଝର ଉପ-ଡାକ ଅଧିକ୍ଷକ ବ୍ରଜେନ୍ଦ୍ର ହେମ୍ବ୍ରମ ଅଧକ୍ଷତା କରିଥିଲେ। । ପଶ୍ଚିମାଞ୍ଚଳ ଉପ-ଡାକଘର ନିରୀକ୍ଷକ କେନ୍ଦୁଝର ସୌଭାଗ୍ୟ ରଞ୍ଜନ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଜିଲ୍ଲା ଗ୍ରାମିଣୀ ଡାକସେବକ ସମ୍ପାଦକ ଶ୍ରୀଯୁକ୍ତ ସୟ କୁମାର ପଣ୍ଡା ଓ ଜିଲ୍ଲା ଅଙ୍ଗନୱାଡ଼ି ସଂଘ ସମ୍ପାଦିକା ମମତାରାଣୀ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ଦୁର୍ନୀତି କିପରି ସମାଜକୁ ଭୟଙ୍କର କ୍ୟାନସର ପରି ଗ୍ରାସ କରିଲାଣି ଓ ସେଥି ସକାଶେ ସାମାଜିକ ଓ ଆର୍ଥିକ ସ୍ଥିତି ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେଉଛି ସେ ସମ୍ବନ୍ଧରେ ବକ୍ତା ଶ୍ରୀ ସୌଭାଗ୍ୟ ରଞ୍ଜନ ଶତପଥି ଉପସ୍ଥିତ ଲୋକମାନଙ୍କୁ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ । ଦେଶର ସଚେତନତା ନାଗରିକ ଭାବେ ବିଶେଷ କରି ଏଥିରେ ଭାଗ ନେଇଥିବା ମାତୃ ମଣ୍ଡଳୀ ସଚେତନ ହେଲେ ଓ ସଚେତନର ବାର୍ତ୍ତା ସମସ୍ତଙ୍କ ପାଖରେ ପହଂଚାଇଲେ ଏକ ଦୁର୍ନୀତି ମୁକ୍ତ ଦେଶ ଗଠନ କରିବାର ସ୍ୱପ୍ନ ସାକାର ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ବକ୍ତା ଶ୍ରୀଯୁକ୍ତ ହେମ୍ବ୍ରମ ଓ ଶ୍ରୀ ପଣ୍ଡା କୌଣସି କାର୍ଯ୍ୟ ହାସଲ ପାଇଁ ଲାଞ୍ଚ ନେବା ଯେମିତି ଅପରାଧ ଲାଞ୍ଚ ଦେବା ମଧ୍ୟ ସମାନ ଭାବେ ଅପରାଧ ବୋଲି କହିଥିଲେ । ପ୍ରଶାସନିକ ସ୍ତରରେ ଲାଞ୍ଚ ନଦେବାକୁ ପ୍ରଚାର ପ୍ରସାର କରାଯାଉଥିଲେ ହେଁ ତାହା କ୍ରମଶଃ ବୃଦ୍ଧି ହେଉଥିବା ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ । ଜାଣିଲେ ଜିଣିବା ଆର୍ଥାତ ଆପଣମାନେ ନିୟମ କାନୁନ୍ ବିଷୟରେ ସମ୍ୟକ ଧାରଣା ରଖିଲେ ନିଶ୍ଚିତ ଭାବେ ଏହା ଅନେକାଂଶରେ ରୋକାଯାଇ ପାରିବ ବୋଲି ମତପ୍ରକାଶ କରିଥିଲେ । ଆବଶ୍ୟକ ସ୍ଥଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଦୁର୍ନୀତି ବିଭାଗ କାର୍ଯ୍ୟାଳୟର ଆଶ୍ରମ ନେବାପାଇଁ ନିବେଦନ କରିଥିଲେ । ତତ୍‌ସଙ୍ଗେ ସଙ୍ଗେ ଡାକଘରେ ଉପଲବ୍ଧ ସୁକନ୍ୟା ସମୃଦ୍ଧି ଯୋଜନା, ଡାକ ବୀମା, ସ୍ୱଳ୍ପ ସଞ୍ଚୟ ଇତ୍ୟାଦିର ସୁବିଧା ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇ ଥିଲେ । ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ମମତାରାଣୀ ବେହେରାଙ୍କୁ ଡାକ ବିଭାଗ ତରଫରୁ ତାଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକୁ ପରିଚାଳନା କରିବାରେ ଡାକ ବିଭାଗ କର୍ମଚାରୀ ଉମାକାନ୍ତ ସାହୁ, ଅନନ୍ତ ଚରଣ ମହାନ୍ତ, ଲମ୍ବୋଦର ମହାନ୍ତ ଓ ଧରଣୀଧର ନାଏକ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଦୁର୍ନୀତି ନିବାରଣ ପାଇଁ ଉପସ୍ଥିତ ବ୍ୟକ୍ତିମାନେ ଶପଥ ପାଠ କରିଥିଲେ ।

## ବାହାର ରାଜ୍ୟର ତେଲ ବିକ୍ରୀ ହେବା ଘଟଣା,ମାମଲା ରୁଜୁ ପାଇଁ ଜିଲ୍ଲାପାଳଙ୍କୁ ସୁପାରିଶ

କେନ୍ଦୁଝର, (ପିଏନ):ବାହାର ରାଜ୍ୟରୁ ଅପମିଶ୍ରିତ ତେଲ କେନ୍ଦୁଝରରେ ବିକ୍ରୀ ହେବା ବେଳେ ଗତକାଲି ବାୟାପଣ୍ଡାଦାର ନିକଟରେ ଧରାପଡିଥିଲା । ସଦର ପୋଲିସ ସହାୟତାରେ ଉକ୍ତ ଗାଡିକୁ ଜବତ୍ କରାଯାଇଥିଲା । ଗୁରୁରାଟରୁ ଅପମିଶ୍ରିତ ଡିଜେଲ କେନ୍ଦୁଝରକୁ ଆସି କେତେକ ପରିବହନ ଠିକାଦାରଙ୍କ ସହାୟତାରେ ଖଣିଜପଥର ପାରିବହନ କରୁଥିବା ଟ୍ରକ କୁ ବିକ୍ରୀ କରାଯାଉଥିଲା । ଡିଜେଲ ଦାମଠାରୁ ୧୮ ଟଙ୍କା କମରେ ଗତ କିଛି ମାସ ହେବ ବାୟାପଣ୍ଡାଦାର ଏବଂ ଶୁଆକାଟୀ ଅଞ୍ଚଳରେ ବିକ୍ରୀ କରାଯାଉଥିଲା । ଜବତ୍ ଟ୍ୟାଙ୍କରକୁ ପୋଲିସ ବେସାମରିକ ଯୋଗାଣ ବିଭାଗକୁ ଜିମା ଦେବା ପରେ ଜବତ୍ ଟ୍ୟାଙ୍କର କୁ ଜେନେରାଲ ଟ୍ରେଡର୍ସ କିରୋସିନି ଡିପୋ ଜିମା ଦିଆଯାଇଛି । ଖାଉଟି ସୁରକ୍ଷା ଆଇନ ଅନୁସାରେ ଜିଲ୍ଲାପାଳଙ୍କ କୋର୍ଟରେ ମାମଲା ରୁଜୁ ପାଇଁ ଚିଠି କରାଯାଇଥିବା ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ ପ୍ରକାଶ କରିଛନ୍ତି । ଜବତ୍ ଡିଜେଲ ସାମ୍ପୁଲ ପରୀକ୍ଷା ପାଇଁ ଆଇଓସିଏଲ ପରୀକ୍ଷାଗାର ପାରାଦ୍ୱୀପ କୁ ପଠାଯାଇଛି ।

# କେବେ ସାରିବା ବଡ଼ଚଣା ଗଳିପୋଲ ନିର୍ମାଣ କାର୍ଯ୍ୟ



ଚଣ୍ଡିଖୋଲ,(ପି.ଏନ):୧୬ ନ ଜାତୀୟ ରାଜପଥ ବଡ଼ଚଣାରେ ଗଳିପୋଲ ନିର୍ମାଣ କାର୍ଯ୍ୟ ୨୦୧୯ ରୁ ଆରମ୍ଭ ହେଇ ୨୦୨୧ ରେ ଶେଷ ହେବାକୁ ଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ରାସ୍ତା କାମ ଯଦିଓ ସରିଛି କେବଳ ପିଚୁ କାର୍ଯ୍ୟ ବାକି ରହିଛି । ପିଚୁ କାର୍ଯ୍ୟ ସରିଗଲେ ପୋଲ ପୂର୍ଣ କାର୍ଯ୍ୟକ୍ଷମ ହେବ । ଜାତୀୟ ରାଜପଥକୁ ଖନନ କରି ପୋଲର କାମ କରାଯାଉଥିବାରୁ ଏହାର ଦୁଇ ପାର୍ଶ୍ୱ ସର୍ଭିସ ରାସ୍ତା ଦେଇ ଯାତ୍ରୀବାହୀ ଗାଡିଠୁ ଆରମ୍ଭ କରି ଭାରୀଯାନ ,ବାଇକ ଓ ଚାରିଚକିଆ ଯାନବାହାନ ଯାତାୟାତ କରୁଛି ।ଏହି ଛକ ଦେଇ ବଡ଼ଚଣା ଥାନା,ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର,ବଡ଼ଚଣା ମହିଳା ବିଦ୍ୟାଳୟ,ବଡ଼ଚଣା ବ୍ଲକ,ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ସ୍କୁଲଓ ସରକାରୀ କାର୍ଯ୍ୟାଳୟ ରହିଅଛି । ପ୍ରତିଦିନ ଏହି ଛକ ଦେଇ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି । ଏହି ଗଳି ପୋଲ ନିର୍ମାଣ ନିର୍ମାଣ ହେଉଥିବାରୁ ସାଧାରଣ ଜନସାଧାରଣ ଦୁଇ ପାଖରେ ଥିବା ସର୍ଭିସ ରାସ୍ତା ଉପରେ ନିର୍ଭର କରିଥାନ୍ତି । ନିୟମାନୁସାରେ ଗଳିପୋଲ ନିର୍ମାଣ କରୁଥିବା ଠିକାଦାର ଦୁଇ କଡରେ ଥିବା ସର୍ଭିସ ରାସ୍ତାକୁ ମରାମତି କରିବା କଥା କିନ୍ତୁ ନିର୍ମାଣ କରୁଛି ସତ ମାତ୍ର ରଥା କରି କାର୍ଯ୍ୟ ସାରିଦେଉଛି । ନା ଗଳି ପୋଲ କାର୍ଯ୍ୟ ସରୁଛି ନା ଠିକାଦାର ଦୁଇ କଡରେ ଥିବା ସର୍ଭିସ ରାସ୍ତା କୁ ମରାମତି କରୁଛି ଫଳରେ ସ୍ଥାନୀୟ ଜନସାଧାରଣମାନେ ନାହିଁ ନଥିବା ଅସୁବିଧର ସମ୍ମୁଖୀନ ହେଉଛନ୍ତି । ଜାନୁଆରୀ ୨୦୨୧ ମାସରେ ଗଳି ପୋଲର ନିର୍ମାଣ କାର୍ଯ୍ୟ ଶେଷକରିବାର ତାରିଖ ଥିଲା ବେଳେ କୋଭିଡକୁ ଆୟୁଧ କରି ଠିକାଦାର ନିର୍ମାଣ କାର୍ଯ୍ୟ ଜାଣିଶୁଣି ଶେଷ କରୁନାହିଁ ବୋଲି ଅଭିଯୋଗ ହେଉଅଛି । କିଛିଦିନ ତଳେ ଜାତୀୟ ରାଜପଥ କର୍ତ୍ତୁପକ୍ଷ ଏହି ଗଳି ପୋଲ ପରିଦର୍ଶନରେ ଆସିଥିଲେ.ସ୍ଥାନୀୟ ପ୍ରତିନିଧିମାନଙ୍କୁ ଲଘୁଚପ ଜନିତ ବର୍ଷା ଛାଡିବାର ୧୫ ଦିନ ପରେ ପିଚୁକାର୍ଯ୍ୟ ସାରି ଗଳିପୋଲ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶୃତି ଦେଇଥିଲେ । ଦୁଇ ପାଖ ସର୍ଭିସ ରାସ୍ତାକାମ ସରିଯିବା ବୋଲି କହିଥିଲେ ମାତ୍ର ବର୍ଷା ଛାଡି ଯାଇଥିଲେସୁଦ୍ଧା ଏପର୍ଯ୍ୟନ୍ତ ଏହା ଶେଷ ହେଇପାରିନାହିଁ ଯାହାକୁ ନେଇ ସାଧରଣ ଜନସାଧରଣମାନେ ଆଗାମୀ ଦିନରେ ଜନଆନ୍ଦୋଳନକୁ ଆସିବେ ବୋଲି ସଜବାଜ ହେଲେଣି ମାତ୍ର କର୍ତ୍ତୁପଖ ଦିନକୁ ଦୁଇ ବେଳା ରାସ୍ତାରେ ପାଣି ସିଂଚନ କରି କାମ ସାରିଦେଉଛି । ଯେହେତୁ ଜାତୀୟ ରାଜପଥ କଡରେ ବଡ଼ଚଣା ଥାନା ଅବସ୍ଥିତ ଥାନା ସମ୍ମୁଖରେ ସର୍ଭିସ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ଏବେ ଥାନାର ସୌନ୍ଦର୍ଯ୍ୟ ମଧ୍ୟ ରାସ୍ତାଯୋଗୁ ହରାଇବସିଲାଣି ।

## ବଡ଼ଚଣା ଆଂଚଳିକ ଜନଚେତନା ସାମାଜିକ ସ୍ୱେଚ୍ଛାସେବୀ ପରିଷଦର ବୈଠକ

ଚଣ୍ଡିଖୋଲ , (ପିଏନ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମାଳିକା ବର୍ଣ୍ଣିତ ବେଦିହୁଡ଼ା ପୀଠଠାରେ ବଡ଼ଚଣା ଆଂଚଳିକ ଜନଚେତନା ପରିଷଦର ୧୮୬ତମ ବୈଠକ ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ଅଂଚଳର ଶିକ୍ଷା, ଧର୍ମ ଚେତନା ଆର୍ଥିକ ସହାୟତା କରିଥିବା ବ୍ୟକ୍ତିମାନଙ୍କୁ ଉକ୍ତ ବୈଠକରେ ସମ୍ମାନିତ କରିବା ତଥା ସମ୍ବର୍ଦ୍ଧିତ କିରବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଆସନ୍ତା ୨୦୨୨ ନୂତନ ବର୍ଷ ତା ୧.୧.୨୦୨୧ରିଖରେ ଆଜିର ପ୍ରସ୍ତୁତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନାରେ ୧୧ଜଣିଆ କମିଟି ଗଠନ କରାଯାଇଅଛି । ସେଥିମଧ୍ୟରୁ ସଫ୍ଟୱେୟାର ଇଂଜିନିୟର ସୁମନ୍ତ କୁମାର ବେହେରା, ପ୍ରଦୀପ୍ତ କୁମାର ପ୍ରଧାନ, ଡ଼ାକ୍ତର ଅଜୟ ଲେଙ୍କା, ଅଧାପକ ବ୍ରଜକିଶୋର ସ୍ୱାଇଁ, ଇଂ ସଂଜୟ କୁମାର ସାହାଣୀ, କାର୍ତ୍ତିକଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଶିବରାମ ସାହୁ, ଇଂ ଭବାନୀ ପ୍ରସାଦ ବାରିକ, ଇଂ ଅମ୍ବିକା ପ୍ରସାଦ ବାରିକ, ଅକ୍ଷୟ କୁମାର ସିଂହ, କାଶିନାଥ ସ୍ୱାଇଁ, ଅନନ୍ତ ଚରଣ ରାଉତ, ନୀଳମଣି ଦାସ, ନୀଳକଣ୍ଠ ମିଶ୍ର, ସୁରେଶ ଚନ୍ଦ୍ର ବରାଳ, ଚିତ ରଞ୍ଜନ ସ୍ୱାଇଁ, ପୁନାନନ୍ଦ ସେଠୀ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇଥିଲେ ।

## ୫ ଲିଟର ଦେଶୀ ମଦ ଓ ୩୦ ଆସ୍କା ଫଟି ସହ ୨କୋର୍ଟ ଚାଲାଣ

ଚଣ୍ଡିଖୋଲ, (ପି.ଏନ): ଚଣ୍ଡିଖୋଲ ନିକଟସ୍ଥ ସୁଭଦ୍ରପୁର ମାନକେଡିଆସାହି ୫ ଲିଟର ଦେଶୀ ମଦ ଓ କୋଣାର୍କ ଢ଼ାବା ନିକଟରୁ ୩୦ଟି ଆସ୍କା ଫଟି ମଦ ଗୁରୁବାର ଚଣ୍ଡିଖୋଲ ପୋଲିସ ଜବତ କରିଛି । ଘଟଣାରୁ ପ୍ରକାଶଯେ ପ୍ରଭାତ ଦେହୁରୀ ନାମକ ବ୍ୟକ୍ତି ଏକ ଜାରରେ ଦେଶୀ ମଦରଖି ବିକ୍ରି କରୁଥିଲା ।ଚଣ୍ଡିଖୋଲ ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ଉକ୍ତ ମଦକୁ ଜବତ କରିବା ସହ ପ୍ରଭାତ ଦେହୁରୀ କୁ ୪୧୦/୨୧ ରେ ମାମଲା ରଜୁକରି କୋର୍ଟ ଚାଲାଣ କରିଛି । ସେହିପରି କୋଣାର୍କ ଢ଼ାବା ନିକଟରୁ ଭଗବାନ ସିଂ ନାମକ ବ୍ୟକ୍ତି ୩୦ ଗୋଟି ଆସ୍କା ଫଟି ନେଇ ଯାଉଥିବା ସମୟରେ ଚଣ୍ଡିଖୋଲ ପୋଲିସ ଉକ୍ତ ମଦ ସହ ସିଂ କୁ ଗିରଫ କରି ସିଆସେ ନ ୪୧୧/୨୧ ରେ କୋର୍ଟ ଚାଲାଣ କରିଛନ୍ତ । କିଛିଦିନ ହେବ ଚୋରା ମଦ ମାଫିଆମାନଙ୍କର ରାଜ ବଢିବଢି ଚାଲିଥିବା ବେଳେପୋଲିସ ରଏହିଭଳି ଚଢ଼ାଉସାଧାରଣରେ ବେଶ ପ୍ରଶଂସା ଲାଭ କରିଛି । ଆଗକୁ ଏହି ଚଢ଼ାଉ ଜାରିରହିବ ବୋଲି ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ପ୍ରକାଶ କରିଛନ୍ତି ।

## ମୁକୁଳା ଟ୍ରାନ୍ସଫରମରକୁ ତାର ଜାଲିରେ ଆବଦ୍ଧ କଲା ବିଦ୍ୟୁତ ବିଭାଗ



ରଣପୁର,(ପି.ଏନ ): ବାଜିଲା ଖବର ଚେତିଲା ପ୍ରଶାସନ,ରଣପୁର ବ୍ଲକ ଅନ୍ତର୍ଗତ ଚ୍ାନ୍ଦପୁର ସ୍ଥିତ ବସନ୍ତ ମଞ୍ଜୁରୀ ସ୍ୱାସ୍ଥ୍ୟ ନିବାସର ବରହିବିଭାଗ ସାମ୍ନାରେ ଥିବା ଟ୍ରାନ୍ସଫର ଟି ବହୁ ଦିନ ହେବ ମୁକୁଳା ଓ ବିପଦ ସଂକୁଳ ଅବସ୍ଥା ରେ ରହିଥିଲା । ଯାହାକି କିଛି ଦିନତଳେ ବିଦ୍ୟୁତ ବିଭାଗ ତରଫରୁ ଟ୍ରାନ୍ସଫରମରର ଚ୍ାରିପାଖରେ ତାରଜାଳିରେ ଆବଦ୍ଧ କରାଯାଉ କ୍ଷ ଧନ, ଜୀବନ ହାନି ଘଟିବାର ଆଶଙ୍କା କରି ସର୍ବ ପ୍ରଥମେ ପର୍ଯ୍ୟବେକ୍ଷକ ପେପରରେ ଖବର ପ୍ରସାରଣ କରାଯାଇଥିଲା କ୍ଷ ବିଶେଷ କରି ବୁଲା ଜୀବଜନ୍ତୁ ମାନେ ଅଧିକ ପ୍ରଭାବିତ ହୋଇଥାନ୍ତେ । ପୂର୍ବରୁ ସ୍ଥାନୀୟ ବାସୀ ଏବଂ ନୟାଗଡ ଜ୍ିଲ୍ଲା ସାଧାରଣ ସମ୍ପାଦକ ତାପସ ରଞ୍ଜନ ମାର୍ଥା ଏସମ୍ପର୍କରେ ବିଦ୍ୟୁତ ବିଭାଗ କୁ ଜଣାଇ ଥିବା ବେଳେ ସେମାନଙ୍କର କଥା ରଖି ବିଦ୍ୟତ ବିଭାଗ ଟ୍ରାନ୍ସଫରମର କୁ ରେ ତାର ଜାଲି ଆବଦ୍ଧ କରିଥିବାରୁ ଅଞ୍ଚଳ ବାସୀ ଧନ୍ୟବାଦ ଜଣାଇଛନ୍ତି ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସଂପର୍କରେ ଜିଲ୍ଲାପାଳଙ୍କ ରାଜନୈତିକ ଦଳମାନଙ୍କ ସହ ବୈଠକ

କେନ୍ଦୁଝର, (ପିଏନ):କେନ୍ଦୁଝର ଜିଲ୍ଲାରେ ଫଟୋ ଭୋଟର ତାଲିକା-୨୦୨୨ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ସଂପର୍କରେ ଚଳିତ ଅକ୍ଟୋବର ୩୦ ତାରିଖ ଶନିବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି । ମିନି କନ୍‌ଫରେନ୍‌ସ୍ ହଲ୍‌ଠାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏକ ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ସୂଚନାଦେଇ କହିଥିଲେ ଯେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗତ ତା ୦୧.୧୧.୨୦୨୧ରିଖ ରୁ ଫଟୋ ଭୋଟର ତାଲିକା-୨୦୨୨ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ । ତା ୦୧.୦୧.୨୦୨୨ ରିଖକୁ ଯୋଗ୍ୟତାଭିତିକ ତାରିଖ ଭାବେ ଆଧାର କରାଯାଇ ଏହି ସଂଶୋଧନ କାର୍ଯ୍ୟକ୍ରମ ଚାଲିବ । ଆଗାମୀ ଜାନୁୟାରୀ ୦୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ହେଉଥିବା ସାବାଳକମାନଙ୍କର ନାମ ମଧ୍ୟ ଭୋଟର ତାଲିକାଭୁକ୍ତ କରାଯିବ । ତା ୦୧.୧୧.୨୦୨୧ ରିଖ ଦିନ ସମନ୍ବିତ ଚିଠା ଭୋଟର ତାଲିକା ପ୍ରକାଶନ କରାଯିବ । ଆସନ୍ତା ତା ୦୧.୧୧.୨୦୨୧ ରିଖରୁ ତା ୩୦.୧୧.୨୦୨୧ ମଧ୍ୟରେ ଆପତି ଅଭିଯୋଗ ଗ୍ରହଣ କରାଯିବ । ସାବାଳକ/ନାଗରିକ ମାନଙ୍କଠାରୁ ଭୋଟର ତାଲିକାରେ ନାମ ପିକରଣ ଏବଂ ସଂଶୋଧନ, ଯୋଗ ବିଯୋଗ, ଅନ୍ୟ ବୁଥ୍‌କୁ ନାମ ସ୍ଥାନାନ୍ତର ପାଇଁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଗ୍ରହଣ କରାଯିବ । ଆଗାମୀ ତା ୦୭.୧୧.୨୦୨୧ ରବିବାର ଏବଂ ତା ୨୧.୧୧.୨୦୨୧ ରବିବାର ଦିନ ଭୋଟର ତାଲିକାର ସଂଶୋଧନ ପାଇଁ ପ୍ରତ୍ୟେକ ବୁଥ୍ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ । ମିଳିଥିବା ଦରଖାସ୍ତ, ଆପତି ଅଭିଯୋଗଗୁଡିକ ତା ୨୦.୧୨.୨୦୨୧ରିଖ ସୁଦ୍ଧା ଫଇସଲା କରାଯିବ । ତା ୦୫.୦୧.୨୦୨୨ରିଖ ସୁଦ୍ଧା ଭୋଟର ତାଲିକାର ନିର୍ଭୁଲତା ଯାଂଚ କରାଯିବା ସହିତ ଡାଟାବେସ ପ୍ରସ୍ତୁତପୂର୍ବକ ଚୂଡ଼ାନ୍ତ ପ୍ରକାଶନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଭୋଟର ତାଲିକାରୁ ନାମ ବାଦ୍ ପଡିଥିଲେ ଯୋଗ୍ୟ ସାବାଳକ/ନାଗରିକମାନଙ୍କ ଠାରୁ ଭୋଟର ତାଲିକାରେ ଯୋଗ ନିମନ୍ତେ ଫର୍ମ ନଂ-୬ରେ ତଥ୍ୟ ସଂଗ୍ରହ କରାଯିବ । ଭୋଟର ତାଲିକାରେ ପ୍ରବାସୀ ଭାରତୀୟ ନାଗରିକଙ୍କ ନାମ ଯୋଗ ନିମନ୍ତେ ଫର୍ମ ନଂ ୬-ଏ, ଭୋଟର ତାଲିକାରୁ ନାମ ବାଦ୍ ନିମନ୍ତେ ଫର୍ମ ନଂ-୭, ଭୋଟରଙ୍କ ତଥ୍ୟ ସଂଶୋଧନ ପାଇଁ ଫର୍ମ ନଂ-୮ ଏବଂ ଗୋଟିଏ ବିଧାନସଭା ମଣ୍ଡଳୀର ଗୋଟିଏ ବୁଥ୍‌ରୁ ଆଉ ଗୋଟିଏ ବୁଥ୍‌କୁ ନାମ ସ୍ଥାନାନ୍ତର ପାଇଁ ଫର୍ମ ନଂ ୮-ଏ ରେ ତଥ୍ୟ ସଂଗ୍ରହ କରାଯିବ । ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ପାଇଁ ବିଭିନ୍ନ ନିର୍ଦ୍ଧାରିତ ଫର୍ମରେ ମିଳିଥିବା ଆବେଦନଗୁଡିକୁ କମ୍ପ୍ୟୁଟରୀକରଣ କରି ଇଲୋକଟୋରାଲ ରେଜିଷ୍ଟ୍ରେସନ ଅଫିସରମାନେ ଦୈନିକ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟରେ ତଥ୍ୟ ଉପଲବ୍ଧ କରାଇବେ । ଯାହାକି ଯେକୌଣସି ବ୍ୟକ୍ତି କିମ୍ବା ରାଜନୈତିକ ଦଳ ଦେଖିପାରିବେ ଓ ଆବଶ୍ୟକସ୍ଥଳେ ସଂପୃକ୍ତ ଇଲୋକଟ୍ରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ଅଭିଯୋଗ ଦାଖଲ କରିପାରିବେ । ତା୦୫.୦୧.୨୦୨୨ରିଖ ଦିନ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ହେବା ପରେ ନବଭୋଟର ହୋଇଥିବା ଭୋଟରମାନଙ୍କୁ ଜାନୁୟାରୀ ୨୫ତାରିଖ ଦିନ ଜାତୀୟ ଭୋଟର ଦିବସ ଅବସରରେ ଫଟୋ ଭୋଟର ପରିଚୟ ପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୭୨୦ ବୁଥ୍ ପାଇଁ ୧୭୨୦ ଜଣ ବୁଥସ୍ତରୀୟ ଅଧିକାରୀ ନିଯୁକ୍ତି କରାଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ ନିମନ୍ତେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ସହଯୋଗ କାମନା କରାଯାଇଛି ଏବଂ ସେମାନେ ପ୍ରତି ବୁଥ୍ ପାଇଁ ବୁଥ୍‌ସ୍ତରୀୟ ଏଜେଂଟ୍‌ଷ୍ଟ ନିଯୁକ୍ତି କରିପାରିବେ ବୋଲି ସୂଚନା ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଗୁରୁତ୍ୱାରୋପ କରାଯାଇଛି । ଉପରୋକ୍ତ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସଫଳତା ପାଇଁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍ ଫଟୋ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଭାରତର ନିର୍ବାଚନ ଆୟୋଗ ଏବଂ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ଆସିଥିବା ନିର୍ଦ୍ଦେଶାବଳୀ ସଂପର୍କରେ ସୂଚନା ଦେଇଥିଲେ । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆସିଷ୍ଟାଣ୍ଡ କଲେକ୍ଟର ନିର୍ବାଚନ କିରଣ କୁମାର ନାଏକଙ୍କ ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ସେକ୍ସନ ଅଫିସର ମୃତ୍ୟୁଂଜୟ ପରିଡା, ବରିଷ୍ଠ ରାଜସ୍ୱ ସହାୟକ ଗୋପବନ୍ଧୁ ନାଏକ, କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର ଉକ୍ତ ବୈଠକ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray